## ସଂକ୍ଷେପରେ

### ଦୁର୍ଘଟଣାରେ ଜଳିଗଲା ବାଇକ୍ ପୁଅ ସମେତ ଦମ୍ପତି ଆହତ

ତିହିଡ଼ି,୬।୫(ସଞ୍ଜିତ ବଳ)

ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ବଡ଼ଗାଲୋ ଛକରେ ସୋମବାର ସକାଳେ କୁକୁରକୁ ଧକ୍କା ଦେଇ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବା ସହ ଜଳିଯାଇଛି। ବାଇକ୍‌ରେ ଥିବା ଦମ୍ପତିଙ୍କ ସମେତ ୩ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଧୀନ ମଇନ୍ଦା ଗ୍ରାମର ରଞ୍ଜନ ମଳିକ(୪୦), ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ମଳିକ(୩୫) ଏବଂ ପୁଅ ବିଶ୍ୱଜିତ(୧୦)। ସେମାନଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ତିହିଡ଼ି ଓ ପରେ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରଞ୍ଜନ ବାଇକ୍‌ରେ ସ୍ତ୍ରୀ ଓ ପୁଅଙ୍କୁ ବସାଇ ବାସୁଦେବପୁରରୁ ଚାନ୍ଦବାଲି ଯାଉଥିବା ବେଳେ ବଡ଼ଗାଲୋ ଛକରେ କୁକୁରକୁ ଧକ୍କା ଦେଇ ତଳେ ପଡ଼ି ଯାଇଥିଲେ। ପରେ କୌଣସି କାରଣରୁ ନିଆଁ ଲାଗି ଯାଇ ବାଇକ୍‌ଟି ଜଳିଯାଇଥିଲା। ଖବର ପାଇ ତିହିଡ଼ି ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### କଂଗ୍ରେସର ପଥପ୍ରାନ୍ତ ନିର୍ବାଚନୀ ସଭା

ବାସୁଦେବପୁର,୬।୫(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଏଡ଼ତାଳରେ କଂଗ୍ରେସ ପକ୍ଷରୁ ପଥପ୍ରାନ୍ତ ନିର୍ବାଚନୀ ସଭା କରାଯାଇଛି। ଜିଲା କଂଗ୍ରେସ ସଭାପତି ତଥା ବାସୁଦେବପୁର ବିଧାୟକ ପ୍ରାର୍ଥୀ ଅଶୋକ ଦାସ ଯୋଗଦେଇ ଏହି ନିର୍ବାଚନମଣ୍ଡଳୀରେ ଶାସକ ଦଳ ଯେଉଁ ଦୁର୍ନୀତି କରି ଚାଲିଛି ତାହାର ଉଚିତ ଜବାବ ଦିଆଯିବ ବୋଲି କହିଥିଲେ। ଜନସାଧାରଣଙ୍କ ମୌଳିକ ସମସ୍ୟା ସମାଧାନ ପରିବର୍ତ୍ତେ ବିଜେଡି ଲୋକଙ୍କୁ ଶୋଷଣ କରୁଥିବାରୁ ଏଥିପ୍ରତି ଭୋଟରମାନେ ସଚେତନ ହୋଇ ଆଗାମୀ ନିର୍ବାଚନରେ କଂଗ୍ରେସର ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ କଂଗ୍ରେସ ନେତୃମଣ୍ଡଳୀ ମତ ରଖିଥିଲେ। ସରପଞ୍ଚ ଆଦିତ୍ୟ ଗିରି, ପୂର୍ବତନ ସରପଞ୍ଚ ଅର୍ଜୁନ ଚରଣ ମଲିକ, ନିରଞ୍ଜନ ପଲେଇ, ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଭାତ ବାରିକ୍, ଯୁବ କଂଗ୍ରେସ ବ୍ଲକ ସଭାପତି ସିଦ୍ଧାନ୍ତ ଦାସ, ଛାତ୍ର କଂଗ୍ରେସ ସଭାପତି ମନୋରଞ୍ଜନ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ।

### 'ସଙ୍ଗୀତ, ହାସ୍ୟରସରେ ପ୍ରବୀଣ ଥିଲେ ବଂଶୀଧର'

ତିହିଡ଼ି,୬।୫(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ହରସିଂହପୁର ଗ୍ରାମର ଦିବଂଗତ ପାଲା ଗୀତିକାର ବଂଶୀଧର ପଣ୍ଡାଙ୍କ ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ତିହିଡ଼ି କଳିଙ୍ଗ କଳାକାର ସଂଘ ପକ୍ଷରୁ ଆୟୋଜିତ ସଭାରେ ସଭାପତି କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା ଯୋଗଦେଇ ସଙ୍ଗୀତ ଓ ହାସ୍ୟରସରେ ବଂଶୀଧର ପ୍ରବୀଣ ଥିଲେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପାଲାଗାୟକ ଗଣେଶ ଦାସ, ସମ୍ପାଦକ ସୁରେନ୍ଦ୍ର ନାୟକ, ଉପେନ୍ଦ୍ର ସାହୁ, ରାମଚନ୍ଦ୍ର ଜେନା, ସନାତନ ନାୟକ, ଅମର ସେଠୀ, ଶଶିକାନ୍ତ ଜେନା, ସୁଶାନ୍ତ କୁମାର ପଣ୍ଡା, ଜଗବନ୍ଧୁ ମହାନ୍ତି, ସୁବାସ ବଳ, ବାବାଜୀ ବେହେରା, ଦୁର୍ଗାପ୍ରସନ୍ନ ମହାନ୍ତି ପ୍ରମୁଖ ବଂଶୀଧରଙ୍କ କଳାକାର ଜୀବନ ଉପରେ ଆଲୋକପାତ କରିଥିଲେ। ଶୁକଦେବ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ହଟିବ ଘରୋଇ ଔଷଧ ଦୋକାନ

## ୧୫ ଦିନ ମଧ୍ୟରେ ଖାଲି କରିବାକୁ ନୋଟିସ

ତିହିଡ଼ି,୬।୫(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଘରୋଇ ଔଷଧ ଦୋକାନକୁ ୧୫ ଦିନ ମଧ୍ୟରେ ଖାଲି କରିବାକୁ ନୋଟିସ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କ ପକ୍ଷରୁ ଏନେଇ ନିର୍ଦ୍ଦେଶ ଦିଆଯିବା ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ତିହିଡ଼ି ମେଡିକାଲ ଅଫିସର ଔଷଧ ଦୋକାନ ମାଲିକଙ୍କୁ ନୋଟିସ୍ ଦେଇଛନ୍ତି।

ପ୍ରକାଶ ଯେ, ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଘରୋଇ ଔଷଧ ଦୋକାନର ଅବଧି ନ ବଢ଼ାଇବା ସହ ନୂତନ ଭାବେ ସେଠାରେ ଔଷଧ ଦୋକାନ ଖୋଲିବାକୁ ନ ଦେବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ୨୭।୨।୨୦୧୫ରେ ସର୍କୁଲାର ନଂ. ୪୫୩୮/ଏଚ୍‌ରେ ଏହି ନିର୍ଦ୍ଦେଶ ଦିଆଯାଇଥିଲା। ସରକାରଙ୍କ ପକ୍ଷରୁ ରୋଗୀମାନଙ୍କ ସେବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମାଗଣାରେ ସ୍ୱାସ୍ଥ୍ୟସେବା



ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଔଷଧ ଦୋକାନ।

ଯୋଗାଇ ଦିଆଯିବା ସହ ୨୪ ଘଣ୍ଟା ଔଷଧ ବିତରଣ କରାଯାଉଥିବା ଦର୍ଶାଯାଇଥିଲା। ତେବେ କେତେକ ଔଷଧ ଦୋକାନ ମାଲିକ ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ହାଇକୋର୍ଟ ପକ୍ଷରୁ ସ୍ଥିତାବସ୍ଥା ବଜାୟ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ଘରୋଇ ଔଷଧ ଦୋକାନ ହଟିବା ନେଇ ସରକାରୀ ଭାବେ କୌଣସି ପଦକ୍ଷେପ ନିଆଯିବା ସମ୍ଭବ ହୋଇ ନ ଥିଲା। ତେବେ କୌଣସି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶନାମା ନ ଥାଇ ବି କେତେକ ଔଷଧ ଦୋକାନ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏବେ ବି କାହିଁକି ଖୋଲା ରହୁଛି ସେନେଇ ସଚିବ ପ୍ରଶ୍ନ ଉଠାଇଛନ୍ତି। ଚିଠି ପାଇବାର ୩ ଦିନ ଭିତରେ ଏହାର ଉତ୍ତର ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଔଷଧ ଦୋକାନ ମାଲିକଙ୍କ ସହ ଯଦି କୌଣସି ଚୁକ୍ତିନାମା ଥାଏ, ତେବେ ତାକୁ ବାତିଲ କରି ଔଷଧ ଦୋକାନ ଖାଲି କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ବିଭାଗ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ପରେ ସିଡିଏମ୍‌ଓ ଏବଂ ତିହିଡ଼ି ମେଡିକାଲ ଅଫିସର ଦୋକାନ ମାଲିକଙ୍କୁ ତୁରନ୍ତ ଦୋକାନ ଖାଲି କରିବାକୁ ନୋଟିସ୍ ଦେଇଛନ୍ତି। ଦୋକାନ ମାଲିକଙ୍କ ଠିକଣାରେ ଏହି ନୋଟିସ୍ ଡାକ ଯୋଗେ ପଠାଯାଇଥିବା ବେଳେ ଦୋକାନ ସାମ୍ନାରେ ମଧ୍ୟ ନୋଟିସ ଲଗାଯାଇଛି। ନୋଟିସର ୧୫ଦିନ ମଧ୍ୟରେ ମାଲିକ ଔଷଧ ଦୋକାନ ଖାଲି ନ କଲେ ପ୍ରଶାସନକୁ ଅବଗତ କରାଯାଇ ଦୋକାନ ଉଚ୍ଛେଦ ଦିଗରେ ପଦକ୍ଷେପ ନିଆଯିବ ବୋଲି ସିଡିଏମ୍‌ଓ ଡା. ସନ୍ତୋଷ କୁମାର ପାତ୍ର କହିଛନ୍ତି।

# ପଦ୍ମ ଧରିଲେ ବିଜେଡି, କଂଗ୍ରେସ କର୍ମୀ


ମିଶ୍ରଣ ପର୍ବରେ ନୂତନ କର୍ମୀଙ୍କ ସହ ଭାଜପା ନେତା।

ଚାନ୍ଦବାଲି,୬।୫(କିଷାନ ପାତ୍ର)

ସାଧାରଣ ନିର୍ବାଚନ ପୂର୍ବରୁ ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ସଙ୍ଗଠନ ସଶକ୍ତ କରିବାରେ ଲାଗିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରତି ପଞ୍ଚାୟତରେ ପ୍ରତିଦିନ ଶତାଧିକ ପରିବାର ଭାଜପାରେ ସାମିଲ ହେଉଛନ୍ତି। ରବିବାର ସନ୍ଧ୍ୟାରେ ଚାନ୍ଦବାଲି ବ୍ଲକ ଚଡ଼ଦିଆ ପଞ୍ଚାୟତରେ ଭାଜପା ସଭାପତି ସୁନୀଲ ପଟ୍ଟନାୟକଙ୍କ ସଭାପତିତ୍ୱ ଓ ଚନ୍ଦନ ପାଲଙ୍କ ନେତୃତ୍ୱରେ ୨୮ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡି ଓ କଂଗ୍ରେସ ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ଆୟୋଜିତ ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ ଭାଜପାର ବରିଷ୍ଠ ନେତା ଅଜୟ ନାୟକ ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏଥିସହ ଆଗାମୀ ଦିନରେ ଚଡ଼ଦିଆ ପଞ୍ଚାୟତରେ ଭାଜପା କିଭଳି ୧ ନମ୍ବର ରହିବ ଏବଂ ଚାନ୍ଦବାଲିରେ ଦଳ କିଭଳି ସର୍ବାଧିକ ଭୋଟ ବ୍ୟବଧାନରେ ବିଜୟଲାଭ କରିବ ବକ୍ତବ୍ୟରେ କହିଥିଲେ। ପ୍ରଫୁଲ୍ଲ ନାୟକ, ସୂର୍ଯ୍ୟମଣି ବେହେରା, ଗାନ୍ଧୀ ନାଥ ମଣ୍ଡଳ, ପରିତୋଷ ଜେନା, ଖୋକନ ସିଂ, ମଣ୍ଟୁଲାଲ ଭୂୟାଁ, ସନାତନ ରାଉତ, ପ୍ରଭାରୀ ସୁଶାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# 'ଭିତ୍ତିଭୂମି ବିକାଶରେ ନିର୍ମାଣ ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ବାସୁଦେବପୁର,୬।୫(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକାର ଉଛଡିହା ଗ୍ରାମର ସିଦ୍ଧେଶ୍ୱର ମନ୍ଦିର ନିକଟରେ ଜୟ ଶ୍ରୀରାମ ନିର୍ମାଣ ଶ୍ରମିକ ସଂଘର କାର୍ଯ୍ୟାଳୟଠାରେ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ହୃଷୀକେଶ ଜାନାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ କହିଥିଲେ, ରାଜ୍ୟରେ ଯେଉଁ ପ୍ରଗତିର ଧାରା ଚାଲିଛି, ଭିତ୍ତିଭୂମିର ବିକାଶ ହେଉଛି, ଏହାର ପ୍ରମୁଖ ଆଧାର ହେଉଛନ୍ତି ନିର୍ମାଣ ଶ୍ରମିକ। ସେମାନଙ୍କ ନିରନ୍ତର କାର୍ଯ୍ୟ ପାଇଁ ଆଜି ବିଭିନ୍ନ ପ୍ରକଳ୍ପ ଯୋଜନା ସାକାର ରୂପ ନେଇପାରୁଛି। ଭିତ୍ତିଭୂମି


ନିର୍ମାଣ ଶ୍ରମିକଙ୍କ ବୈଠକରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ବକ୍ତବ୍ୟ ରଖୁଛନ୍ତି।

ବିକାଶରେ ନିର୍ମାଣ ଶ୍ରମିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ରାଜ୍ୟ ସରକାର ନିର୍ମାଣ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ଓ ସୁରକ୍ଷା ପାଇଁ ବହୁ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ଆଗାମୀ ନିର୍ବାଚନ ପାଇଁ ସେ ଶ୍ରମିକମାନଙ୍କ ଆଶୀର୍ବାଦ ଓ ଭୋଟ ଭିକ୍ଷା କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ କାଉନସିଲର ମାନସ ରଞ୍ଜନ ସାହୁ ଯୋଗ ଦେଇଥିଲେ। ସଂଘ ସମ୍ପାଦକ ସୂର୍ଯ୍ୟନାରାୟଣ ଦାସ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ବୈଠକରେ ଶତାଧିକ ନିର୍ମାଣ ଶ୍ରମିକ ଉପସ୍ଥିତ ଥିଲେ।

### ବିଜେଡିରେ ମିଶିଲେ ଅନ୍ୟ ଦଳର ଶତାଧିକ କର୍ମୀ

ଧାମନଗର,୬।୫ (ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତର ଉଡେଇପୁର ଗ୍ରାମରେ ଜାନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ବିଜେଡି ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଭାଜପାର ଦୁର୍ଗ ଥିବା ଏହି ପଞ୍ଚାୟତରେ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଦୋବଲ ଜୋନ୍‌ର ବରିଷ୍ଠ ନେତା ତଥା ପୂର୍ବତନ ସମିତିସଭ୍ୟ ପ୍ରତାପ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ବିଜେଡି ବିଧାୟକ ପ୍ରାର୍ଥୀ ଡା. ସଞ୍ଜୟ ଦାସ, ବ୍ଲକ ସଭାପତି ଉମେଶ ମହାନ୍ତି, ଦୋବଲ ଜୋନ୍ ପର୍ଯ୍ୟବେକ୍ଷକ ରଜତ କୁମାର ପଣ୍ଡା, ପୂର୍ବତନ ସରପଞ୍ଚ ଶରତ ମାଝୀ, ଯୁବନେତା ବାସୁଦେବ ପାଗଳ, ଅରୁଣ ପରିଡ଼ା, ସରୋଜ ପାଣିଗ୍ରାହୀ, ସୁଦାମ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ନୂତନ କର୍ମୀମାନଙ୍କୁ ସମାନ ଅଧିକାର ମିଳିବା ସହ ସମସ୍ତ ପ୍ରକାର ସହଯୋଗ କରାଯିବା ନେଇ ବିଧାୟକ ପ୍ରାର୍ଥୀ ସଞ୍ଜୟ କହିଥିଲେ।

# ମା' ବାପା ହେଉଛନ୍ତି ଜୀବନ୍ତ ଦେବତା

ଭଦ୍ରକ, ୬।୫ (ରବିନାରାୟଣ ଖିଲାର)

ସନାତନ ଧର୍ମର ପ୍ରଚାର ପ୍ରସାର ହେଉଛି ଭାରତୀୟ ସଂସ୍କୃତିର ମୂଳମନ୍ତ୍ର। ଏହାଦ୍ୱାରା ଆମ ସଂସ୍କୃତିକୁ ସୁରକ୍ଷା ଦେବା ସହ ପରମ୍ପରାକୁ ସମୃଦ୍ଧ କରିପାରିବା। ବିଶ୍ୱ ଶାନ୍ତି ନିମନ୍ତେ ମହାଯଜ୍ଞର ଏକାନ୍ତ ପ୍ରୟୋଜନ ରହିଛି। ପ୍ରତି ପଞ୍ଚାୟତରେ ଭାଗବତ ଟୁଙ୍ଗୀ ପ୍ରତିଷ୍ଠା ହେବା ସହ ଘରେ ଘରେ ମା' ବାପାଙ୍କୁ ଜୀବନ୍ତ ଦେବତା ରୂପେ ଭକ୍ତି କଲେ ପରିବାରର ମଙ୍ଗଳ ହେବା ସହ ସମାଜରେ ଶାନ୍ତି ପ୍ରକଟ ହୋଇପାରିବ ବୋଲି ଶ୍ରୀଚୈତନ୍ୟ ଆଶ୍ରମରେ ଅନୁଷ୍ଠିତ ଅଖଣ୍ଡ ଭାରତ ବ୍ରାହ୍ମଣ ପରିଷଦର ସ୍ୱତନ୍ତ୍ର ବୈଠକରେ କୁହାଯାଇଛି। ପରିଷଦର ସଭାପତି ପଣ୍ଡିତ ଦୈତାରି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକରେ ପଣ୍ଡିତ ସଞ୍ଜୟ ପାଢ଼ୀ ଶର୍ମା ପରିଷଦର ଆଭିମୁଖ୍ୟ ସମ୍ପର୍କରେ ସମ୍ୟକ ସୂଚନା ରଖିଥିଲେ। ମୁଖ୍ୟଅତିଥି ପଣ୍ଡିତ ସତ୍ୟବାନ ମିଶ୍ରଙ୍କ ସହ ଅଧ୍ୟାପକ ଅମରେନ୍ଦ୍ର ପଣ୍ଡା, ଅଞ୍ଜନା ମିଶ୍ର, ଜାନକୀ ପାଢ଼ୀ, ଶ୍ରଦ୍ଧାଞ୍ଜଳି ମିଶ୍ର, ପୁରୁଷୋତ୍ତମ ଉପାଧ୍ୟାୟ, ଗୁରୁକଲ୍ୟାଣ ପଣ୍ଡା, ପ୍ରଶାନ୍ତ କୁମାର ତ୍ରିପାଠୀ, ଯତୀନ୍ଦ୍ର କୁମାର ପଣ୍ଡା, ବିଶ୍ୱ ରଞ୍ଜନ ପଣ୍ଡା, ଜ୍ଞାନ ପ୍ରକାଶ ପାଣି, କାନନ କୁମାର ପାଣି ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମାଜର ମଙ୍ଗଳ, ପ୍ରାଚୀନ କିମ୍ବଦନ୍ତୀର ସୁରକ୍ଷା, ବୈଦିକ ମନ୍ତ୍ରପାଠର ଆବଶ୍ୟକତା, ସନାତନ ଧର୍ମର ପ୍ରଚାର ପ୍ରସାର, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଆଦି ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଓଡ଼ିଶାର ପ୍ରତି ଜିଲା ଓ ବ୍ଲକରେ ଅଖଣ୍ଡ ଭାରତ ବ୍ରାହ୍ମଣ ପରିଷଦର ଶାଖା କାର୍ଯ୍ୟାଳୟ ଖୋଲାଯାଇ ବିଭିନ୍ନ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ସହ ଯଥାଶୀଘ୍ର ପରିଷଦ ମାଧ୍ୟମରେ ତ୍ରୈମାସିକ ଆଧ୍ୟାତ୍ମିକ ପାରିବାରିକ ପତ୍ରିକା 'ବ୍ରହ୍ମାଣୀ' ପ୍ରକାଶ ପାଇବ ବୋଲି ସ୍ଥିର କରାଯାଇଛି।

# ଭାଜପା ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର ଜୋରଦାର

ବାସୁଦେବପୁର,୬।୫(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁରରେ ଭାଜପା ଦୁଇଦିନ ଧରି ନିର୍ବାଚନୀ ପ୍ରଚାର ଜୋରଦାର କରିଛି। ବେତଡ଼ା, ଚାନ୍ଦିମାଳ ଓ ନାୟକାଣିଡିହୀ ମଣ୍ଡଳରେ ଭାଜପା ତା'ର ଶକ୍ତି ପ୍ରଦର୍ଶନ କରିବା ସହ ଶୋଭାଯାତ୍ରା ମାଧ୍ୟମରେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ ଚଳାଇଛି। ରବିବାର ବେତଡ଼ା ମଣ୍ଡଳ ଆରୁହା ପଞ୍ଚାୟତର ମୁନିପଡ଼ିଆ ନିକଟରେ ଦଳ ପକ୍ଷରୁ କର୍ମୀ ସମ୍ମିଳନୀ କରାଯାଇଥିଲା। ଭାଜପା ବିଧାୟକ ପ୍ରାର୍ଥୀ ବାଣୀକଲ୍ୟାଣ ମହାନ୍ତି ଯୋଗଦେଇ ବାସୁଦେବପୁର ଜନସାଧାରଣଙ୍କ ପାଇଁ ସେ ସମର୍ପିତ ହୋଇ କାର୍ଯ୍ୟ କରିବେ ଓ ମୌଳିକ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଆଗାମୀ ନିର୍ବାଚନରେ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ତାଙ୍କୁ ଭୋଟ ଦେବାକୁ ସେ ଭୋଟରଙ୍କୁ ନିବେଦନ କରିଥିଲେ।

ମଣ୍ଡଳ ସଭାପତି ସୁବାସ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ନିର୍ବାଚନମଣ୍ଡଳୀ ସଂଯୋଜକ ଡ. ପ୍ରତାପ ଚନ୍ଦ୍ର ନାୟକ, ଜିଲା ଉପସଭାପତି ଉଦୟ ନାରାୟଣ ମଲିକ, ବରଣ୍ଡିଆ ସରପଞ୍ଚ ଗୋବିନ୍ଦ ମଲିକ, ବରିଷ୍ଠ ନେତା ଅଶୋକ ସାହୁ, ପ୍ରତାପ ପଲେଇ ପ୍ରମୁଖ ଯୋଗ ଦେଇଥିଲେ। ବାଣୀକଲ୍ୟାଣ ଚନ୍ଦନପୁରସ୍ଥିତ ଜଗନ୍ନାଥ ମନ୍ଦିରରୁ ଆଶୀର୍ବାଦ ନେଇ ଭୋଟ ଭିକ୍ଷା କରିଥିଲେ। ଅପରାହ୍ନରେ ଚାନ୍ଦିମାଳ ମଣ୍ଡଳର ନଳବାଙ୍କ ଓ ସନ୍ଧ୍ୟାରେ ନାୟକାଣିଡିହୀଠାରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

### ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଧାମନଗର, ୬।୫(ଦେବେନ୍ଦ୍ର ଆଦିଆ)

ସାଧାରଣ ନିର୍ବାଚନ ପାଇଁ ପୋଲିସ ପକ୍ଷରୁ ସୋମବାର ଧାମନଗର ବ୍ଲକର ଗୁଡ଼ାକୁଟି ବଜାରଠାରୁ ଅଭିଲ ଛକ ପର୍ଯ୍ୟନ୍ତ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ବିଏସ୍‌ଏଫ୍ ଯବାନ, ଧାମନଗର ପୋଲିସ ପକ୍ଷରୁ ସବ୍ ଇନ୍‌ସ୍ପେକ୍ଟର ପ୍ରଦୀପ ନାୟକ, ଏଏସ୍‌ଆଇ ସୁଜିତ୍ ରାଉତ ଏବଂ ପିଏସ୍‌ଆଇ ସୁଚିତ୍ରା ସେଠୀଙ୍କ ନେତୃତ୍ୱରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା।

# ନ୍ୟାୟ ଲାଗି ଏସ୍‌ପିଙ୍କୁ ଭେଟିଲେ


ଏସ୍‌ପିଙ୍କ ଅଫିସ୍ ଆଗରେ ଅଭିଯୋଗକାରୀ ପରିବାର।

## ଆକ୍ରମଣକାରୀଙ୍କୁ ଗିରଫ ଦାବି

ଭଦ୍ରକ,୬।୫(ସନାତନ ରାଉତ)

ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ଖମାରସାହିର ଚନ୍ଦନ ବେହେରାଙ୍କ ପରିବାର ନ୍ୟାୟ ପାଇଁ ସୋମବାର ଏସ୍‌ପିଙ୍କୁ ଭେଟିଛନ୍ତି। ଚନ୍ଦନଙ୍କ ପରିବାର ଆକ୍ରମଣର ଶିକାର ହୋଇ ଗତ ୨ ତାରିଖରେ ବାଂଶଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୧୫୨/୨୪) ରୁଜୁ କରିଥିବା ବେଳେ କୌଣସି ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବା ସେମାନେ ଏସ୍‌ପିଙ୍କୁ ଜଣାଇଛନ୍ତି।

ଗତ ୨ ତାରିଖରେ ଚନ୍ଦନ, ତାଙ୍କ ବାପା ପ୍ରଫୁଲ୍ଲ ଓ ମା' ସମ୍ପଦ ଘର ଛାତ ପକାଇବା ପାଇଁ ଚିପ୍ସ, ବାଲି ଆଣିଥିଲେ। ଘର ପାଖକୁ ଚିପ୍ସ, ବାଲି ନେବା ପାଇଁ ରାସ୍ତା ସଫା କରୁଥିବା ବେଳେ ପଡ଼ୋଶୀ ସଂଘବଦ୍ଧ ଭାବେ ତାଙ୍କ ବାପା, ବୋଉଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ଏତଲାରେ ଦର୍ଶାଇଛନ୍ତି। ଏସ୍‌ପି ବରୁଣ ଗୁଣ୍ଟୁପାଲି ଅଭିଯୋଗ ଶୁଣିବା ପରେ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଚନ୍ଦନ କହିଛନ୍ତି।

## ବାଲିଘାଟ ନେଇ ଏନ୍‌ଜିଟିରେ ମାମଲା

# ଜୁଲାଇ ୨ୟ ସପ୍ତାହକୁ ଘୁଞ୍ଚିଲା ଶୁଣାଣି

ଧାମନଗର, ୬।୫ (ଦେବେନ୍ଦ୍ର ଆଦିଆ)

ଧାମନଗର ତହସିଲ ଅଧୀନ ଆନନ୍ଦପୁର ପଞ୍ଚାୟତର ଉଡେଇପୁର-୨ ବାଲିଘାଟରୁ ବେଆଇନ ବାଲି ଚାଲାଣ ମାମଲାର ଶୁଣାଣିକୁ ଜୁଲାଇ ୨ୟ ସପ୍ତାହକୁ ଧାର୍ଯ୍ୟ କରାଯାଇଛି। ତଦନ୍ତ ପାଇଁ ଗଠିତ ୪ ଜଣିଆ ଟିମ୍ ନିର୍ଦ୍ଧାରିତ ସମୟରେ ରିପୋର୍ଟ ପ୍ରଦାନ କରିପାରି ନାହାନ୍ତି। ରିପୋର୍ଟ ପ୍ରଦାନ କରିବା ଲାଗି ଆଉ ଦୁଇ ମାସ ସମୟ ମାଗିଛନ୍ତି। ଏନ୍‌ଜିଟି ଏହାକୁ ଗ୍ରହଣ କରି ଜୁଲାଇ ୨ୟ ସପ୍ତାହକୁ ଶୁଣାଣି ଘୁଞ୍ଚାଇଛି।

ପ୍ରକାଶ ଯେ, ସୋମବାର ଏହି ମାମଲାର ଶୁଣାଣି ଥିଲା। ଶୁଣାଣି ସମୟରେ ତଦନ୍ତ ପାଇଁ ଗଠିତ ଟିମ୍ ଏହାର ରିପୋର୍ଟ ପ୍ରଦାନ କରିବାର ଥିଲା। ହେଲେ ନିର୍ବାଚନ ପାଇଁ ବ୍ୟସ୍ତତା ଯୋଗୁ ନିର୍ଦ୍ଧାରିତ ସମୟରେ ତଦନ୍ତ ହୋଇପାରି ନ ଥିଲା। ଏପ୍ରିଲ ୩୦ରେ ଗୋଟିଏ ଟିମ୍ ଆସି ତଦନ୍ତ କରିଥିଲେ ବି ରିପୋର୍ଟ ପ୍ରସ୍ତୁତ ହୋଇପାରି ନାହିଁ ବୋଲି ଏନ୍‌ଜିଟି ନିକଟରେ ଜବାବ ରଖିଥିଲେ। ଏହାସହ ଉକ୍ତ ଟିମ୍ ସମୟ ମାଗିଥିଲା। ତଦନ୍ତକାରୀ ଟିମ୍‌ର ଅନୁରୋଧକୁ ଗ୍ରହଣ କରି ଶୁଣାଣି ଘୁଞ୍ଚାଇ ଦିଆଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ପକ୍ଷ ରଖିଥିଲେ। ସେହିପରି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସେମାନଙ୍କ ଓକିଲ ଉପସ୍ଥିତ ଥିଲେ। ଭିଡିଓ କନ୍‌ଫରେନ୍ସରେ ମାମଲାର ଶୁଣାଣି ହୋଇଥିଲା।

# କର୍ମୀଙ୍କୁ ନିରଞ୍ଜନଙ୍କ ଗୁରୁମନ୍ତ୍ର


ଜନସମାବେଶରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକ ଓ ଦଳୀୟ କର୍ମକର୍ତ୍ତା।

ଆଗରପଡ଼ା,୬।୫(ସୁଶାନ୍ତ ଦାଶ)

ବନ୍ତ ବ୍ଲକ ଅଧୀନ ପୁରୁଷଣ୍ଡ ପଞ୍ଚାୟତରେ କଂଗ୍ରେସ ପକ୍ଷରୁ ଜନସମାବେଶ ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ର କଂଗ୍ରେସ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକ ହଜାର ହଜାର ସମର୍ଥକଙ୍କ ସହ ଆଗରପଡ଼ା ବଜାରରେ ଏକ ବିଶାଳ ବାଇକ୍ ରାଲିରେ ଯାଇ ଜନସମାବେଶରେ ଯୋଗ ଦେଇଥିଲେ। ଏହି ଅଞ୍ଚଳରେ କିପରି ସର୍ବାଙ୍ଗୀନ ବିକାଶ ହୋଇପାରିବ, ସେଥିପ୍ରତି ସେ ବଦ୍ଧପରିକର ବୋଲି କହିଥିଲେ। ଦଳୀୟ କର୍ମୀମାନେ ସଙ୍ଗଠିତ ହୋଇ ନିର୍ବାଚନ ଲଢ଼ିବାକୁ ସେ ଗୁରୁମନ୍ତ୍ର ଦେଇଛନ୍ତି।

ନିରଞ୍ଜନଙ୍କୁ ଆଦିବାସୀ ନୃତ୍ୟରେ ସ୍ୱାଗତ କରାଯିବା ବେଳେ ସେ ନିଜେ ଆଦିବାସୀ ନୃତ୍ୟରେ ଝୁମିବାର ଦେଖାଯାଇଥିଲା। ଏହି ଅବସରରେ ବିଜେଡି ନେତା ତଥା ପୂର୍ବତନ ସମିତିସଭ୍ୟ ଦିଲୀପ କୁମାର ପୁହାଣ, ବାବାଜୀ ଜେନା, ବୁବୁନା ମାଝୀ, ବାଙ୍କବିହାରୀ ଯେନା, ରବୀନ୍ଦ୍ର ସାହୁଙ୍କ ସମେତ ୩୫ଜଣ କଂଗ୍ରେସରେ ଯୋଗ ଦେଇଛନ୍ତି। କଂଗ୍ରେସର ପୂର୍ବତନ ଜିଲା ସଭାପତି ସୁବ୍ରତ ଦାସ, ବନ୍ତ ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ, ସରପଞ୍ଚ ସବିତା ନାୟକ, ପୂର୍ବତନ ସରପଞ୍ଚ ରବିନାରାୟଣ ମହାନ୍ତି, ସତ୍ୟବାନ ଦାସ, ପ୍ରଭାତ ପଣ୍ଡା, ଚିତ୍ତରଞ୍ଜନ ସାମନ୍ତରାୟ, ଗଙ୍ଗାଧର ପତି, କାର୍ତ୍ତିକ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରଦ୍ଧେୟ ପଣ୍ଡା, ଭାସ୍କର ଦାଶ, ନିରଞ୍ଜନ ପୁହାଣ, ରାଜୁ ଦାସ, ଦିପୁ ଖୁଣ୍ଟିଆ, ବାପୁନୁ ପୁହାଣ, ଲୁଙ୍କୁନ ପୁହାଣ, ଟିକନ ମହାକୁଡ଼, ବଷ୍ଟି ଦାସ, ବିନ୍ଦ ମାଝୀ, ସୁବାସ କିଷୋ ପ୍ରମୁଖ ପରିଚାଳନା କରିଥିଲେ।

### ଭାଜପାର ବୁଥ୍ ବିଜୟ ଅଭିଯାନ ବୈଠକ

ଭଦ୍ରକ,୬।୫(ସନାତନ ରାଉତ)

ଧାମନଗର ଛକଠାରେ ଭାଜପା ପକ୍ଷରୁ ବୁଥ୍ ବିଜୟ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକର ୬ ମଣ୍ଡଳ ସଭାପତି, ସାଧାରଣ ସମ୍ପାଦକ, ଶକ୍ତି କେନ୍ଦ୍ର ପ୍ରମୁଖ, ସହ ପ୍ରମୁଖ, ବୁଥ୍ ସଭାପତି, ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଆଗାମୀ ନିର୍ବାଚନରେ ଦଳର କାର୍ଯ୍ୟପନ୍ଥା ନେଇ ମାନସ ମନ୍ଥନ କରିଥିଲେ। ଭଦ୍ରକ ଲୋକ ସଭା କ୍ଷେତ୍ର ପ୍ରଭାରୀ ଈଶ୍ୱର ଚନ୍ଦ୍ର ବେହେରାଙ୍କ ସଞ୍ଚାଳନରେ ଆୟୋଜିତ ଏହି ବୈଠକରେ ଭାଜପା କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଡ. ଭୋଲା ସିଂ, ଲୋକ ସଭା ସଂଯୋଜକ ଆର୍ତ୍ତତ୍ରାଣ ପୃଷ୍ଟି, ଅଶୋକ ପରିଜା, ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଏବଂ ବିଧାନସଭା ପ୍ରାର୍ଥୀ ଡ. ସୁଧାଂଶୁ ଶେଖର ନାୟକ ଯୋଗଦେଇ ଲୋକଙ୍କ ପାଖକୁ ଯାଇ ସମସ୍ତ କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ବୁଝାଇବାକୁ ପଦାଧିକାରୀଙ୍କୁ କହିଥିଲେ।

# ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି ପ୍ରତୀକ୍ଷା

ଭଣ୍ଡାରିପୋଖରୀ,୬।୫ (ରାଜେନ୍ଦ୍ର ଶତପଥୀ)

## ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ପାଠ ପଢ଼ି ନିଜକୁ ପ୍ରତିଷ୍ଠିତ କରିବା ସହ ମା' ବାପାଙ୍କ ନାଁ ରଖିବାକୁ ସ୍ୱପ୍ନ ଦେଖିଥିଲେ। ହେଲେ କର୍କଟ ରୋଗ ତାଙ୍କର ସବୁ ଆଶା ଆକାଂକ୍ଷାକୁ ପାଣିରେ ମିଳେଇ ଦେଇଛି। ଏବେ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି ମେଧାବୀ ଛାତ୍ରୀ ପ୍ରତୀକ୍ଷା ସାମଲ(୧୭)। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଜଳମଣ୍ଡୁଆ ପଞ୍ଚାୟତ ଦୁର୍ଗାପୁର ଗ୍ରାମର ଗଦାଧର ସାମଲ ଓ ପୁଷ୍ପାରାଣୀ ସାମଲଙ୍କ ଏକମାତ୍ର ଝିଅ ପ୍ରତୀକ୍ଷା ପାକସ୍ଥଳୀ କର୍କଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଦୁଇବର୍ଷ ପୂର୍ବେ ଯୁକ୍ତ ୨ ପଢୁଥିବା ବେଳେ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଯନ୍ତ୍ରଣା ନ କମିବାରୁ ପରୀକ୍ଷା ନିରୀକ୍ଷା ପରେ କର୍କଟ ରୋଗ ହୋଇଥିବା



ପ୍ରତୀକ୍ଷା ସାମଲ।

ଜଣାପଡ଼ିଥିଲା। ପରେ ତାଙ୍କୁ ଦିଲ୍ଲୀରେ ଚିକିତ୍ସା କରାଯାଇଥିଲେ ସୁଦ୍ଧା ରୋଗ କିନ୍ତୁ ବଢ଼ିବାରେ ଲାଗିଛି। ଅପରପକ୍ଷେ ବ୍ୟୟବହୁଳ ଚିକିତ୍ସା ଯୋଗୁ ତାଙ୍କ ବାପାଙ୍କ ନିଜସ୍ୱ ଅର୍ଥ ସହ ଧାର ଉଧାର ବଢ଼ିଯାଇଛି। ଦିଲ୍ଲୀରୁ ଫେରିବା ପରେ ପ୍ରତୀକ୍ଷା ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହାମଧ୍ୟରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଅର୍ଥ ଶେଷ ହୋଇଯାଇଛି। ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଅଧିକ ଚିକିତ୍ସା ପାଇଁ ପାଖରେ ଆଉ ସମ୍ବଳ ନ ଥିବାରୁ ସରକାରୀ ଓ ବେସରକାରୀ ସ୍ତରରେ ସାହାଯ୍ୟ ଲାଗି ତାଙ୍କ ପରିବାର ପକ୍ଷରୁ ନିବେଦନ କରାଯାଇଛି।

# ପାଣି ଦିଅ, ନ ହେଲେ ଆନ୍ଦୋଳନ

## ବାରିପଦାରେ ଜଳସଙ୍କଟ

ବାରିପଦା,୬।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦା ପୌରପରିଷଦ ଅଞ୍ଚଳରେ ପାନୀୟ ଜଳ ସଙ୍କଟକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଠିକ୍ ଭାବେ ଜଳ ଯୋଗାଣ ହେଉ ନ ଥିବା ବେଳେ ଖରାଦିନେ ସମସ୍ୟା ଦ୍ୱିଗୁଣିତ ହେଉଛି। ଏ ନେଇ ୯ନଂ. ୱାର୍ଡବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ମ୍ୟୁନସିପାଲିଟିର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅବଗତ କରିଛନ୍ତି। ୨ ଦିନ ମଧ୍ୟରେ ଏହାର ସମାଧାନ କରା ନ ଗଲେ ୱାର୍ଡବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି।

ବାରିପଦା ସହର ଦେଇ ପ୍ରବାହିତ ବୁଢ଼ାବଳଙ୍ଗ ନଦୀ ସନ୍ନିକଟ ବାରୁଣୀରୋଡ୍ ୱାର୍ଡରେ ପାନୀୟ ଜଳ ଯୋଗାଣକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବାରୁଣୀରୋଡ୍ ରଙ୍ଗ ଦୋକାନଠାରୁ ଚର୍ଚ୍ଚ ପଡ଼ିଆ ପର୍ଯ୍ୟନ୍ତ ଲୋକେ ପାନୀୟ ଜଳରୁ ବଞ୍ଚିତ ରହୁଛନ୍ତି। ଜଳ ଯୋଗାଣ ବିଭାଗ(ପିଏଚ୍‌ଡି) ଦ୍ୱାରା ବିଛାଯାଇଥିବା ପାଇପ୍ ଯୋଗେ ଗୋଟିଏ ମାତ୍ର ବୋରିଂରୁ ୱାର୍ଡର ୨୧ଟି ଗଳିକୁ ଯୋଗାଣ କରାଯାଉଛି। ୩ଟି ଅଞ୍ଚଳ ଉଚ୍ଚ ସ୍ଥାନରେ ରହୁଥିବାରୁ ପାଇପ୍ ପାଣି ଯାଇ ନ ପାରି ନିମ୍ନସ୍ଥାନକୁ ଗଡ଼ିଯାଉଛି। ଫଳରେ ଅଞ୍ଚଳବାସୀ ପାଇପ୍ ପାଣିରୁ ବଞ୍ଚିତ ରହି ନିକଟସ୍ଥ କୂଅ, ନଳକୂଅରୁ ଗୋଳିଆ ଓ ଅପରିଷ୍କାର ପାଣି ଆଣି ବ୍ୟବହାର କରୁଛନ୍ତି। ପିଏଚ୍‌ଡି ଅଧୀନରେ ବିଭିନ୍ନ ପ୍ରକାର ସଂସ୍ଥା ଜରିଆରେ ସହରବାସୀଙ୍କୁ ପାଣି ଯୋଗାଇବାର ବ୍ୟବସ୍ଥା ଥିଲେ ମଧ୍ୟ ଅଞ୍ଚଳବାସୀ ବୁନ୍ଦାଏ ପାଣି ପାଇଁ ଡହଳ ବିକଳ ହେଉଥିବା ରଘୁନାଥ ପଣ୍ଡା, ଗଜେନ୍ଦ୍ର ନାଥ ସାହୁ, ଓ ପ୍ରବୋଧ ପଲେଇ କହିଛନ୍ତି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ସମସ୍ୟାର ସମାଧାନ ଦିଗରେ କୌଣସି


ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବା ପାଇଁ ଆସିଥିବା ୱାର୍ଡ ବାସିନ୍ଦା।

ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏପରିକି ଉକ୍ତ ୱାର୍ଡର କାଉନସିଲର ବାରିପଦା ପୌରପରିଷଦର ଉପାଧ୍ୟକ୍ଷା ସୀମା ଦାସ ରହିଥିଲେ ମଧ୍ୟ ଏହାର ସମାଧାନ ହେବାରେ ବିଳମ୍ବ ହେଉଛି। ତଦନ୍ତ ପୂର୍ବକ ମୁଖ୍ୟ ପାଇପ୍‌ରୁ ଏକ ପାଇପ୍ ସଂଯୋଗ କରାଯାଇ ଜଳ ଯୋଗାଣ କରିବାର ବିକଳ୍ପ ବ୍ୟବସ୍ଥା କରିବାକୁ ଲୋକେ ଦାବି କରିଛନ୍ତି।

ଚଳିତ ବର୍ଷ ସହରରେ ଉତ୍ତାପ ବୃଦ୍ଧି ସାଙ୍ଗକୁ ପାନୀୟ ଜଳ ସଙ୍କଟକୁ ନେଇ ସମସ୍ୟାର ତ୍ୱରିତ ସମାଧାନ କରିବାକୁ ପ୍ରବୀର ଦାସ, ବିଜୟ କୁମାର ନାୟକ, ଖଗେଶ୍ୱର ଦାସ ପ୍ରମୁଖ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଉପାଧ୍ୟକ୍ଷା ସୀମା ଦାସଙ୍କୁ ପଚାରିବାରୁ ପାଇପ୍ ଯୋଗେ ପାଣି ଯୋଗାଇବା ସମୟରେ ଶତପ୍ରତିଶତ ଲୋକ ମଟର ଯୋଗେ ପାଣି ସଂଗ୍ରହ କରିବା ଦ୍ୱାରା ଉଚ୍ଚ ସ୍ଥାନକୁ ପାଣି ଯାଇପାରୁ ନାହିଁ। ଏ ନେଇ ଲୋକମାନଙ୍କୁ ମଟର ବ୍ୟବହାର ନ କରିବାକୁ କୁହାଯାଇଥିଲେ ମଧ୍ୟ ତାହା ରୋକାଯାଇପାରୁ ନାହିଁ। ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ମାତ୍ର ପିଏଚ୍‌ଡି ବିଭାଗର ଅବହେଳା ପାଇଁ ଲୋକେ ହନ୍ତସନ୍ତ ହେଉଥିବା ସେ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ମତାମତ ଜାଣିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ଯୋଗାଯୋଗ ହୋଇପାରି ନାହିଁ।

# ବିଜେଡିର ବିକାଶ ସଂକଳ୍ପ ସମାବେଶ

ବାରିପଦା,୬।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ବିଜୁ ଭବନଠାରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଛି। ବାରିପଦାର ଯୁବ,ଛାତ୍ର ସଙ୍ଗଠକଙ୍କ ସମେତ ହଜାର ହଜାର ସଂଖ୍ୟକ କର୍ମୀ ଏହି ସମାବେଶରେ ଯୋଗ ଦେଇଥିଲେ। ଏମ୍‌ପି ପ୍ରାର୍ଥୀ ସୁଦାମ ମାର୍ଣ୍ଡି, ବାରିପଦା ବିଧାୟକ ପ୍ରାର୍ଥୀ ସାନନ୍ଦ ମାରାଣ୍ଡି, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହ ହାଁସଦା, ଆମ ଓଡ଼ିଶା ନବୀନ ଓଡ଼ିଶାର ସଂଯୋଜକ ସୁନିଲ ଦାଶ, ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ରାଜ୍ୟ କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ସଂଯୋଜକ ପ୍ରଭାତ ନାୟକ, ଜିଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ବିଜୁ ମହିଳା ଜନତା ଦଳର ଜିଲା ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ଯୁବ ସଭାପତି ଅରୁଣ ବରାଡ଼, ଛାତ୍ର ସଭାପତି ସୁନିଲ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଯୁବ,ଛାତ୍ର କର୍ମକର୍ତ୍ତାମାନେ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ମଞ୍ଚାସୀନ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳର ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟକ ଭୋଟ ଦେଇ ବିଜୟୀ କରିବାକୁ ସମସ୍ତ ଯୁବ, ଛାତ୍ର ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ବାରିପଦା ପୌରପାଳିକାର ସମସ୍ତ ୱାର୍ଡ କାଉନସିଲର, ବିଜେଡିର ନେତୃ ମଣ୍ଡଳୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ନବବଧୂଙ୍କୁ ଯୌତୁକ ନିର୍ଯାତନା

ଗୋପବନ୍ଧୁ ନଗର,୬।୫(ଶାନ୍ତନୁ କୁମାର ମଢୁଆଳ)

ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ ରାଣୀବନ୍ଧ ଗ୍ରାମର ଜଣେ ନବ ବଧୂଙ୍କୁ ଶାଶୁ ଘର ଲୋକେ ଯୌତୁକ ଦାବିରେ ନିର୍ଯାତନା ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ୨୦୨୩ରେ ନୀଳଗିରି ଥାନା ଅନ୍ତର୍ଗତ ଗୋଡିଶୋଳ ଗ୍ରାମର ଭାଗ୍ୟଶ୍ରୀ ନାୟକ (୨୭) ରାଣୀବନ୍ଧ ଗ୍ରାମର ଶାନ୍ତନୁ କୁମାର କୁସୁମାଳିଆଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆ ଯାଇଥିଲେ ମଧ୍ୟ ବିବାହର କିଛି ମାସ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରିଥିଲେ। ଭାଗ୍ୟଶ୍ରୀଙ୍କ ବାପ ଘରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଅଧିକ ଯୌତୁକ ଦେଇ ପାରି ନ ଥିଲେ। ଫଳରେ ଶାଶୁଘର ଲୋକେ ଭାଗ୍ୟଶ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୫୫/୨୪) ରୁଜୁ କରି ତଦନ୍ତ ଚଳାଇଛି।

# ମଛପଦା ବୈଶାଖୀ ମହୋତ୍ସବ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବୈଶିଙ୍ଗା,୬।୫(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳରେ ରବିବାର ଦ୍ୱିତୀୟ ମଛପଦା ବୈଶାଖୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଅଞ୍ଚଳର କଳା, ସାହିତ୍ୟ, ସଂସ୍କୃତି ଐତିହ୍ୟକୁ ମନେ ପକାଇବା ପାଇଁ ମଛପଦା ଗ୍ରାମ କମିଟି ପକ୍ଷରୁ ଏହି ମହୋତ୍ସବ ଆୟୋଜନ କରାଯାଇଛି। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସ୍ଥାନୀୟ ବିଧାୟକ ସନାତନ ବିଜୁଳି ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସପ୍ତାହବ୍ୟାପୀ ଚାଲିବାକୁ ଥିବା ଏହି ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଥିବା ବେଳେ ମେଳା ପଡ଼ିଆରେ ଶତାଧିକ ଦୋକାନୀ ସମେତ ମିନାବଜାରର ମଜା ନେଉଛନ୍ତି ସ୍ଥାନୀୟ ଲୋକେ। ସେହିଭଳି ଆସନ୍ତା ୧୦ତାରିଖ ମହୋତ୍ସବର ଶେଷ ସନ୍ଧ୍ୟାରେ ଅନ୍ୟତମ ଆକର୍ଷଣ ଭାବେ ଜଣାଶୁଣା ହାସ୍ୟ ଅଭିନେତା ପପୁ ପମ୍‌ପମ୍ ଯୋଗଦେଇ ନିଜର ହାସ୍ୟକଳାରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିବାର କାର୍ଯ୍ୟକ୍ରମ ରହିଛି।

# ଅଧାରୁ ପାଠ ନ ଛାଡ଼ିବା ଲାଗି ଅଭିଭାବକଙ୍କୁ ସଚେତନତା

## ବାଲେଶ୍ୱର ଖବର

ଭୋଗରାଇ,୬।୫(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆରଆଇଏଚ୍‌ଏସ୍) ଆଲୁମିନି ଆସୋସିଏଶନ ପକ୍ଷରୁ ବାଟଗ୍ରାମ ଆଦିବାସୀ ସାହିରେ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଲୁମିନି ଆସୋସିଏଶନ ସଭାପତି ପ୍ରଫେସର ଜଗଦୀଶ ଚନ୍ଦ୍ର ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଚେତନତା ସଭାରେ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ କେଦାର ସିଂ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜରେ ବିଶେଷ କରି ଆଦିବାସୀ ଶ୍ରେଣୀର ଲୋକଙ୍କ ମଧ୍ୟରେ ଶିକ୍ଷାକୁ ନେଇ ସଚେତନତା ଅଭାବରୁ ସେମାନଙ୍କ ପିଲାମାନେ କିପରି ବଞ୍ଚିତ ହେଉଛନ୍ତି ସେ ସମ୍ପର୍କରେ ଆଲୋଚନା କରିବା ସହିତ ସରକାରୀ ସ୍ତରରେ ଦିଆଯାଇଥିବା ସମସ୍ତଙ୍କୁ ଶିକ୍ଷା ଅଧିକାର ସମ୍ପର୍କରେ ସଚେତନ କରାଇଥିଲେ। ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆରଆଇଏଚ୍‌ଏସ୍)ର ପ୍ରଫେସର ତଥା ଆଲୁମିନି ଆସୋସିଏଶନର ଉପଦେଷ୍ଟା ଡ. ଧୀରେନ୍ଦ୍ର କୁମାର ଜେନା ଯୋଗଦେଇ ଅଧାରୁ ପାଠ ନ ଛାଡିବା ପାଇଁ ଅଭିଭାବକମାନଙ୍କୁ ସଚେତନ କରାଇଥିଲେ। ଏହାସହିତ ଆଦିବାସୀ ଶ୍ରେଣୀର ପିଲାମାନଙ୍କ ପାଇଁ ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ଏବଂ ଆର୍ଥିକ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ଆଲୁମିନି ଆସୋସିଏଶନର ସହ ସମ୍ପାଦକ ମନାଙ୍କ ଶେଖର ପାତ୍ର ଓ ଉପସଭାପତି ଶାଶ୍ୱତ କୁମାର ଜେନା ଯୋଗଦେଇ ଆଦିବାସୀ ପରିବାରର ଆର୍ଥିକ ବିକାଶ ଏବଂ ପିଲାମାନଙ୍କୁ ଉଚ୍ଚ ଶିକ୍ଷିତ କରି ସମାଜରେ ପ୍ରତିଷ୍ଠିତ କରିବା ପାଇଁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ଆଲୁମିନି ଆସୋସିଏଶନ ଆବାହକ ବିମଳେନ୍ଦୁ ଦେ, ସଂଯୋଜକ ତପନ କୁମାର ପଣ୍ଡା, ସଦସ୍ୟ ବିପିନ କୁମାର କର, ସୁଶୋଭନ ମହାପାତ୍ର, ସୁଧାଂଶୁ ଶେଖର ମଣ୍ଡଳ, କେଦାର ନାଥ ଜେନା, ଚିନ୍ମୟ ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଶତାଧିକ ଆଦିବାସୀ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ।

# ବଜ୍ରପାତରେ ଶ୍ରମିକ ମୃତ

ରାଇରଙ୍ଗପୁର,୬।୫(ମାନସ ମହାନ୍ତି): ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଅସନବଣିରେ ବଜ୍ରପାତ ଯୋଗୁ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଯାମଦା ଥାନା ଅନ୍ତର୍ଗତ ତେଣ୍ଡରା ଗ୍ରାମର ଗଗନ ତିରିଆ(୬୫)। ସୋମବାର ଅପରାହ୍ନରେ ସେ କାମ କରୁଥିବା ବେଳେ ବଜ୍ରପାତରେ ଟଳି ପଡ଼ିଥିଲେ। ଏନେଇ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୮/୨୪) ରୁଜୁ ହୋଇଛି।

# ବିଜେଡିରେ ମିଶିଲେ ଭାଜପା ନେତ୍ରୀ


ମହିଳା କର୍ମୀଙ୍କ ସହ ସଲମିତ।

ବାଙ୍ଗିରିପୋଷି,୬।୫(ସଞ୍ଜୟ କୁମାର ଅଗ୍ରୱାଲା): ବାଙ୍ଗିରିପୋଷି ବ୍ଲକ ଅଞ୍ଚଳର ପୂର୍ବତନ ଜିଲା ପରିଷଦ ସଭ୍ୟା ତଥା ଭାଜପାର ଆଗ ଧାଡ଼ିର ନେତ୍ରୀ ସଲମିତ ଟୁଡୁ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ଏବଂ ବାଙ୍ଗିରିପୋଷି ବିଧାୟକ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ବଳିଷ୍ଠ ନେତୃତ୍ୱରେ ପ୍ରଭାବିତ ହୋଇ ସେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ବାଙ୍ଗିରିପୋଷି ବିଜେଡି ବିଧାୟିକା ପ୍ରାର୍ଥୀ ରଞ୍ଜିତା ମାର୍ଣ୍ଡି, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ହେମ୍ବ୍ରମ, ଜିଲା ପରିଷଦ ସଭ୍ୟା ପାର୍ବତୀ ସିଂଙ୍କ ଉପସ୍ଥିତିରେ ଶତାଧିକ ଭାଜପା ମହିଳା କର୍ମୀଙ୍କ ସହ ସଲମିତ ବିଜେଡିରେ ସାମିଲ ହୋଇଥିଲେ।

# ଛପର ଉଡ଼ିଲା, ଗଛ ଭାଙ୍ଗିଲା

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ମୋରଡ଼ା(ସ୍ମାରକ ମାଜୀ)/ବାଙ୍ଗିରିପୋଷି (ସଞ୍ଜୟ କୁମାର ଅଗ୍ରୱାଲା),୬।୫

ମୟୂରଭଞ୍ଜ ଜିଲା ବାରିପଦା, ମୋରଡ଼ା ଓ ବାଙ୍ଗିରିପୋଷି ଅଞ୍ଚଳରେ ସୋମବାର କାଳ ବୈଶାଖୀ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ବାରିପଦାର ଭଞ୍ଜପୁରସ୍ଥିତ ଅତିରିକ୍ତ ଜିଲାପାଳଙ୍କ ସରକାରୀ ବାସଭବନ ନିକଟରେ ଗଛ ଭାଙ୍ଗି ୩୩ କେଭି ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଛି। ଫଳରେ ଦୀର୍ଘ ସମୟ ସହରରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇପଡ଼ିଥିଲା। ମୁଖ୍ୟ ରାସ୍ତା ଉପରେ ଗଛ ପଡ଼ି ଗମନାଗମନ ଠପ୍ ହୋଇଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ରାସ୍ତା ଉପରୁ ଗଛ କାଟିବା କାର୍ଯ୍ୟ ଜାରି ରଖିଛନ୍ତି। ମୋରଡା ବ୍ଲକ ଅଧୀନ ଚିତ୍ରଡ଼ାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ରାତି ୮ଟା ସମୟରେ ପ୍ରବଳ ବେଗରେ ପବନ ବୋହିବା ଫଳରେ ଚିତ୍ରଡା-ଅମର୍ଦ୍ଦା ୬୧ନଂ, ରାଜ୍ୟ ରାଜପଥର ଚିତ୍ରଡ଼ା ବ୍ଲକ ଛକ ପାଖରେ ଏକ ବିଶାଳ ନିମ୍ବ ଗଛ ଭାଙ୍ଗି ପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସେହିପରି ବ୍ଲକର ଛୋଟରାୟପୁର ଗ୍ରାମରେ ଜଣଙ୍କ ଘର ଉପରେ ଗଛ ପଡ଼ିଥିବାରୁ ଘରଟି ଭାଙ୍ଗି ଯାଇଥିବା ସୂଚନା ମିଳିଛି। ତେବେ ପ୍ରବଳ ଗରମରେ ଛଟପଟ ହେଉଥିବା ଅଞ୍ଚଳବାସୀ କାଳବୈଶାଖୀ ଯୋଗୁ ଆଶ୍ୱସ୍ତ ହୋଇଛନ୍ତି। ସେହିପରି ବାଙ୍ଗିରିପୋଷି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବହୁ ଚାଳ ଛପର ଉଡ଼ିଯିବା ସହ ଗଛ ଭାଙ୍ଗି ରାସ୍ତାରେ ପଡ଼ିଛି। ବିଦ୍ୟୁତ୍ ତାର ଛିଣ୍ଡିଯିବାରୁ ଦୀର୍ଘ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିଦ୍ୟୁତ୍ ସରବାରହ ବନ୍ଦ ରହିଥିଲା।

# ସ୍ୱାଧୀନ ଭାବେ ଲଢ଼ିବେ କମଳେନ୍ଦୁ

ମୋରଡା,୬।୫(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ନିର୍ବାଚନ ମଣ୍ଡଳୀରେ ଚିତ୍ରଡ଼ାର ବିଶିଷ୍ଟ ଶିକ୍ଷାବିତ କମଳେନ୍ଦୁଲାଲ ମହାନ୍ତ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି। ଏନେଇ ସୋମବାର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ମଣ୍ଡଳୀର ପ୍ରମୁଖ ସମସ୍ୟାର ସମାଧାନ, ଲୋକଙ୍କ ବିକାଶ କରିବା ଲକ୍ଷ୍ୟ ବୋଲି କମଳେନ୍ଦୁ କହିଛନ୍ତି। ସୂଚନାଯୋଗ୍ୟ, ମୋରଡା ବ୍ଲକ ତଥା ନିର୍ବାଚନ ମଣ୍ଡଳୀରେ ଶିକ୍ଷାର ବିକାଶ, ଛଉ ନୃତ୍ୟ, କଳାର ଉନ୍ନତି କ୍ଷେତ୍ରରେ କମଳେନ୍ଦୁଙ୍କ ଉଲ୍ଲେଖନୀୟ ଅବଦାନ ରହି ଆସିଛି। ମୋରଡା, ରାସଗୋବିନ୍ଦପୁର ଏବଂ ଶୁଳିଆପଦା ବ୍ଲକରେ ଜମ୍ପିରା ମହୋତ୍ସବ ଆୟୋଜନରେ ତାଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ। ଏହିସବୁ ଦୃଷ୍ଟିରେ ତାଙ୍କ ପ୍ରତି ଜନ ସମର୍ଥନ ରହିଛି ଏବଂ ଆଗାମୀ ନିର୍ବାଚନରେ ମଧ୍ୟ ଲୋକେ ତାଙ୍କୁ ବିପୁଳ ସମର୍ଥନ କରିବେ ବୋଲି କମଳେନ୍ଦୁ କହିଛନ୍ତି।

# ବାଣିଦା ପାଣି ପ୍ରକଳ୍ପ କାର୍ଯ୍ୟକ୍ଷମ ଲାଗି ଗଣଧାରଣା

ଜଳେଶ୍ୱର, ୬।୫(ରବିନାରାୟଣ ପାତ୍ର)

ଜଳେଶ୍ୱର ବ୍ଲକ ଅଧୀନ ସୁଗୋ ପଞ୍ଚାୟତ ବାଣିଦାଠାରେ ଜଳମିଶନ ଯୋଜନାରେ ଏକ ପ୍ରକଳ୍ପ ଖନନ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଠିକାଦାର ପାଇପ୍ ବିଛାଇବା କାର୍ଯ୍ୟ ଅଧାରୁ ବନ୍ଦ କରି ପଳାଇଯାଇଛନ୍ତି। ପ୍ରବଳ ଖରାରେ ବାଣିଦା ଗ୍ରାମବାସୀ ଡହଳବିକଳ ହେଉଥିବାରୁ ସୋମବାର ବାଣିଦା ବିକାଶ ମଞ୍ଚ ପକ୍ଷରୁ ଜଳ ଯୋଗାଣ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଖୁବ୍‌ଶୀଘ୍ର କାର୍ଯ୍ୟର ପ୍ରତିଶ୍ରୁତି ପରେ ଗ୍ରାମବାସୀ ଫେରିଥିବା ଜଣାଯାଇଛି। ସରପଞ୍ଚ, ସମିତି ସଦସ୍ୟ, ଗାଁ ମୁଖିଆଙ୍କ ଉପସ୍ଥିତିରେ ପାଇପ୍ ବିଛା କାର୍ଯ୍ୟ ଶେଷଲାଗି ସ୍ଥିର ହୋଇଥିଲେ ମଧ୍ୟ ଅଦ୍ୟାବଧି ତାହା ଶେଷ ହୋଇନାହିଁ। ଠିକାଦାର, ଗ୍ରାମବାସୀ ଓ ଲୋକପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ଏପରି କାର୍ଯ୍ୟ ଶେଷ ହେଉ ନ ଥିବା ଅଭିଯୋଗ ହୋଇଛି। ସରପଞ୍ଚ ଜୟନ୍ତୀ ପରିଡା ପ୍ରକଳ୍ପରୁ ଅତିଶୀଘ୍ର ପାଣି ଯୋଗାଣ ନେଇ ଦାବି କରିଛନ୍ତି। କନିଷ୍ଠଯନ୍ତ୍ରୀ ଧାରଣାସ୍ଥଳକୁ ଆସି ଅତିଶୀଘ୍ର ପିଇବା ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଅଂଶୁଘାତରେ ବ୍ୟବସାୟୀଙ୍କ ମୃତ୍ୟୁ ସନ୍ଦେହ

ଖଇରା, ୬।୫(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବାରାପୁର ଗ୍ରାମର ନୃସିଂହ ଚରଣ ଘୋଷ(୫୨) ସୋମବାର ପୂର୍ବାହ୍ନରେ ଘରୁ ବାରାପୁର ବଜାରସ୍ଥିତ ନିଜ ଦୋକାନକୁ ଆସୁଥିଲେ। ପ୍ରବଳ ଖରା ଯୋଗୁ ସେ ରାସ୍ତାରେ ସଂଜ୍ଞାହୀନ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ନିକଟସ୍ଥ ଏକ ଘରୋଇ କ୍ଲିନିକକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ମୃତ୍ୟୁ ଅଂଶୁଘାତ ଯୋଗୁ ହୋଇଥିବା ପରିବାର ଲୋକ ଏବଂ ଗ୍ରାମବାସୀ କହିଛନ୍ତି।

# ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ

ଖୁଣ୍ଟା,୬।୫(ଦେବରଞ୍ଜନ ବେହେରା)

ଖୁଣ୍ଟା ବ୍ଲକ ଅଧୀନ ବାସିପିଠା ପଞ୍ଚାୟତର ପୁରୁଣାପାଣିଠାରେ ଧରଣୀଧର ଭୂୟାଁ ସ୍ମୃତି କମିଟି ପକ୍ଷରୁ ବିପ୍ଳବୀ ଧରଣୀଧର ଭୂୟାଁଙ୍କ ୧୬୦ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଭୂୟାଁ ସାଂସ୍କୃତିକ ସଂଗଠନ ପକ୍ଷରୁ ସ୍ଥାନୀୟ ଖେଳ ପଡ଼ିଆରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଧରଣୀଧର ସ୍ମୃତି କମିଟିର ସଭାପତି ତଥା ଖୁଣ୍ଟା ବ୍ଲକ ଅଧ୍ୟକ୍ଷା ସୁଧନ୍ୟା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବାରିପଦା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ସାନନ୍ଦ ମାରାଣ୍ଡି , ବଡ଼ସାହି ବ୍ଲକର ଜିଲା ପରିଷଦ ସଦସ୍ୟା ସୁବାସିନୀ ନାୟକ ଓ ଅନିଲ ପୃଷ୍ଟିଙ୍କ ସମେତ ସାରସକଣା ଓ ବାଙ୍ଗରିପୋଷି ବ୍ଲକରୁ ଭୂୟାଁ ସମ୍ପ୍ରଦାୟର ଲୋକପ୍ରତିନିଧିମାନେ ଯୋଗଦେଇ ଧରଣୀଧରଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ।

# ଦମ୍ ଦେଖାଇଲେ ବିଜୟ, ପଦ୍ମ ଚରଣ

## କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀ

### ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ

ଠାକୁରମୁଣ୍ଡା(ତାରାକାନ୍ତ ପଟ୍ଟନାୟକ)/କରଞ୍ଜିଆ (କବିତା ମହାନ୍ତ),୬।୫

କେନ୍ଦୁଝର ଲୋକସଭା କ୍ଷେତ୍ର ଅଧୀନ କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସୋମବାର ଥିଲା ପ୍ରାର୍ଥୀପତ୍ର ଦାଖଲର ଶେଷଦିନ। ଶେଷ ଦିନରେ ଦମ୍ ଦେଖାଇଛନ୍ତି ସ୍ୱାଧୀନ ପ୍ରାର୍ଥୀ ବିଜୟ କୁମାର ନାଏକ ଓ ଭାଜପା ପ୍ରାର୍ଥୀ ପଦ୍ମ ଚରଣ ହାଇବୁରୁ। ୨୦୦୯ ଓ ୨୦୧୪ ନିର୍ବାଚନରେ ବିଜେଡି ଟିକେଟରେ ଲଢ଼ି ୨ଥର ବିଧାୟକ ହୋଇଥିବା ବିଜୟଙ୍କୁ ୨୦୧୯ ନିର୍ବାଚନରେ ଦଳ ଟିକେଟ ଦେଇ ନ ଥିଲା। ଚଳିତ ୨୦୨୪ ନିର୍ବାଚନରେ ସେ ଟିକେଟ ପାଇବାକୁ ଦାବିଦାର ଥିଲେ ମଧ୍ୟ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। ଏଥିରେ ଅସନ୍ତୁଷ୍ଟ ହୋଇ ସେ ସ୍ୱାଧୀନ


ପ୍ରାର୍ଥୀପତ୍ର ଦାଖଲ ପୂର୍ବରୁ ଶୋଭାଯାତ୍ରାରେ ଭାଜପା ଏମ୍‌ପି ଓ ବିଧାୟକ ପ୍ରାର୍ଥୀ।

ଭାବେ ଲଢ଼ିବାକୁ ପ୍ରାର୍ଥୀପତ୍ର ଦାଖଲ କରିଥିବା କହିଛନ୍ତି। ୫ ହଜାରରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ଗହଣରେ ସ୍ଥାନୀୟ ମାଣିକ ଛକରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ସାଧାରଣ ଭୋଟରଙ୍କ ଆଶୀର୍ବାଦ ନେବା ସହିତ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ୩ସେଟ୍ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ତାଙ୍କ ସହିତ ବିଜେଡିର ଅସନ୍ତୁଷ୍ଟ ନେତା ବିବେକାନନ୍ଦ ଦାସ, କରଞ୍ଜିଆ ଏନ୍‌ଏସିର ପୂର୍ବତନ ନଗରପାଳ ପ୍ରେମଜିତ ସାହୁ, ଆଇନଜୀବୀ ସୁଦର୍ଶନ ବେହେରା, ଆକୁଳ ପୁଥାଲ, ସୁଲୁ ସାହୁ, ବିଜୟ ଦେହୁରୀ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ସେହିପରି ଭାଜପା ପ୍ରାର୍ଥୀ ପଦ୍ମ ଚରଣ ହାଇବୁରୁ କରଞ୍ଜିଆ ବନ ବିଭାଗ କାର୍ଯ୍ୟାଳୟ ନିକଟରୁ ହଜାର ହଜାର ସମର୍ଥକଙ୍କ ସହିତ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ତାଙ୍କ ସହିତ କେନ୍ଦୁଝର ଏମ୍‌ପି ପ୍ରାର୍ଥୀ ଅନନ୍ତ ନାୟକ, ପଶ୍ଚିମ ମୟୂରଭଞ୍ଜ ଜିଲା ସଭାପତି କୃପାସିନ୍ଧୁ ମହାନ୍ତ, ବରିଷ୍ଠ ନେତା ନବ କିଶୋର ପଣ୍ଡା , ବାଞ୍ଛାନିଧି ପୃଷ୍ଟି, ମହେଶ୍ୱର ସାହା, ପୁଷ୍ପାଞ୍ଜଳି ସିଦ୍ଧୁ, ବିପ୍ଳବ ଶଙ୍ଖୁଆଳ, ଧରଣୀଧର ପ୍ରଧାନ ପ୍ରମୁଖ ସାମିଲ ଥିଲେ। ଶୋଭାଯାତ୍ରା ପରେ ସେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରାର୍ଥୀପତ୍ର ଦାଖଲ କରିଥିଲେ।

# 'ଉଚ୍ଚ ଅଧ୍ୟୟନ ପାଇଁ ଲକ୍ଷ୍ୟ ସ୍ଥିର କର'

## ପଦାର୍ଥ ବିଜ୍ଞାନ ବିଭାଗର ବିଦାୟ ସମ୍ବର୍ଦ୍ଧନା ଉତ୍ସବ

ରୂପସା, ୬।୫(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ରୂପସା ନୀଳମଣି ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରି କଠିନ ପରିଶ୍ରମ ବଳରେ ସଫଳତାର ଶୀର୍ଷରେ ପହଞ୍ଚିବାକୁ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଜୟକୃଷ୍ଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଗୋପାଳପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ବେହେରା ଯୋଗଦେଇ ଉଚ୍ଚ ଅଧ୍ୟୟନ ପାଇଁ ଲକ୍ଷ୍ୟ ସ୍ଥିର କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଯୋଗ ଦେଇଥିଲେ। ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ବାର୍ଷିକ ଛାତ୍ରୀଛାତ୍ରମାନେ +୩ ଶେଷବର୍ଷର ଛାତ୍ରୀଛାତ୍ରମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଅଶୋକ ମଢୁଆଳ, କମଳକୃଷ୍ଣ ଦାସ, ଅଭିଜିତ ସେନାପତି, ନିର୍ମଳ ନାୟକ, ବ୍ରଜକିଶୋର ଦାସ, ଚିନ୍ମୟ ଗିରି, ଅବିନାଶ ବେହେରା ଓ ଲିପସା ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ। ପଦାର୍ଥ ବିଜ୍ଞାନର ଡେମୋନଷ୍ଟ୍ରେଟର ବାସନ୍ତୀ ସାହୁ ଧନ୍ୟବାଦ ଦେଇଥିଲେ।

**ଘର ତାଲା ଭାଙ୍ଗି ସୁନା ଅଳଙ୍କାର ନେଇଗଲେ**

ରାମଚନ୍ଦ୍ରପୁର,(ଗଣେଶ୍ୱର ସା): କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ତରୁଆଁ ପଞ୍ଚାୟତ ଉଜୁଣି ଗ୍ରାମର ବିଭୂତି ଭୂଷଣ ଭଞ୍ଜଙ୍କ ଘର ତାଲା ଭାଙ୍ଗି ଦୁର୍ବୃତ୍ତ ୨ ଭରି ସୁନା, ଦୁଇ ଶହ ଗ୍ରାମର ରୂପା ଅଳଙ୍କାର ସହ ନଗଦ ୭୦ ହଜାର ଟଙ୍କା ନେଇଯାଇଛନ୍ତି। ଗ୍ରାମରେ ଅପେରା ଚାଲିଥିବାରୁ ପରିବାର ଲୋକେ ଘରେ ତାଲା ମାରି ଦେଖିବାକୁ ଯାଇଥିଲେ। ସେ ସମୟରେ ଦୁର୍ବୃତ୍ତ ଘରେ ପଶି କଳାକନା ବୁଲାଇଦେଇଥିଲେ। ବିଭୂତି ଘରକୁ ଫେରି ଲୁଟ୍ ହୋଇଥିବା ଦେଖି ରାମଚନ୍ଦ୍ରପୁର ଥାନା ଅଧିକାରୀ ବିଜୟ ସିଂଙ୍କୁ ଅବଗତ କରିଥିଲେ।

## କେନ୍ଦୁଝର

# ତଳେ ଝୁଲୁଛି ପାଇପ୍, ଉପରେ ଉଡୁଛି ଖଣିଜ ଗୁଣ୍ଡ

ଯୋଡ଼ା,୬।୫(ମାନସ ମହାନ୍ତି)

■ଯୋଡ଼ା ଫ୍ଲାଏ ଓଭର୍‌ରେ ଯାତାୟାତ ବିପଦ
■ଲାଇଟ୍ ଜଳୁନି, ସର୍ଭିସ ରୋଡ୍ କାମ ସରୁନି

କେନ୍ଦୁଝର ଜିଲା ଯୋଡ଼ାଠାରେ ଗତ ମାର୍ଚ୍ଚ ୧୦ରେ ନିର୍ମାଣ ହୋଇଥିବା ଓଡ଼ିଶାର ଦୀର୍ଘତମ ଫ୍ଲାଏ୍ ଓଭର ଏବେ ବିପଦ ସାଜିଛି। ରକ୍ଷଣାବେକ୍ଷଣ ଅଭାବରୁ ଜଳ ନିଷ୍କାସନ ପାଇପ୍ ଭାଙ୍ଗି ଝୁଲିପଡ଼ିଥିବା ବେଳେ ଓଭର ବ୍ରିଜ୍ ଉପରେ ଖଣିଜ ଗୁଣ୍ଡ ଜମା ହୋଇ ବିପଦ ସୃଷ୍ଟି କରୁଛି। ଏଥିସହ ଆଲୋକୀକରଣ ଓ ସର୍ଭିସ ରୋଡ୍ କାମ ସରି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଧୂଳି, ଧୂଆଁରେ ପ୍ରଦୂଷିତ ହେଉଥିବା ଯୋଡ଼ା ସହରକୁ ପ୍ରଦୂଷଣମୁକ୍ତ କରିବା ପାଇଁ ୨୦୨୧ରେ ଫ୍ଲାଏ ଓଭର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଜିଲା ଖଣିଜ ପାଣ୍ଠି ଜରିଆରେ ୨୫୦କୋଟି ବ୍ୟୟ ଅଟକଳରେ ୨.୯ କି.ମି ଲମ୍ବ ଏହି ଫ୍ଲାଏ ଓଭର ନିର୍ମାଣ ହୋଇଛି। ଲୋକାର୍ପଣକୁ ମାତ୍ର ୨ ମାସ ହୋଇଥିବା ବେଳେ ଫ୍ଲାଏ ଓଭର ତଳେ ଲାଗିଥିବା ଜଳ ନିଷ୍କାସନ ପାଇପ୍ ଝୁଲି ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଫ୍ଲାଏ ଓଭର ଉପରେ ଖଣିଜ ବୋଝେଇ ଟ୍ରକରୁ ଖଣିଜ ଗୁଣ୍ଡ ଉଡ଼ିବା ସହ ରାସ୍ତାରେ ପଡ଼ିଛି। ମୋଟା ପରସ୍ତର ଖଣିଜ ପଡ଼ି ପ୍ରବଳ ମାତ୍ରାରେ ପ୍ରଦୂଷଣ ହେଉଛି। ଯାତାୟାତ ସମୟରେ ଏହା ଉଡୁଥିବାରୁ ଦୁର୍ଘଟଣା ଆଶଙ୍କା ରହିଛି। ସେହିପରି ଫ୍ଲାଏ ଓଭର ଉପରେ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଫ୍ଲାଏ ଓଭରର ଷ୍ଟ୍ରିଟ୍ ଲାଇଟ ଜଳୁନାହିଁ। ପଡ଼ିଥିବା ଖଣିଜ ଉପରେ ପୁନଃ ଭାରିଯାନ ଚାଲିବାରୁ ଫ୍ଲାଏ ଓଭର ରାସ୍ତା ଖରାପ ହେବାର ସମ୍ଭାବନା ରହିଥିବା ଯୋଡ଼ାର ଯୁବ ସଂଗଠକ ପାର୍ଥ ସାରଥି ଷଡ଼ଙ୍ଗୀ କହିଛନ୍ତି। ଏଥିସହ ଫ୍ଲାଏ ଓଭର ତଳେ ଥିବା ସର୍ଭିସ ରୋଡ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଆଇଡିବିଆଇ ବ୍ୟାଙ୍କ ସମ୍ମୁଖ, ବସଷ୍ଟାଣ୍ଡ, ପରିବା ମାର୍କେଟ, ଏସ୍‌ବିଆଇ ହନୁମାନ ମନ୍ଦିର ଛକ, ସିନେମା ହଲ ଛକ ପ୍ରଭୃତି ସ୍ଥାନରେ ଅସମ୍ପୂର୍ଣ୍ଣ କାମ ହେତୁ ପାଦରେ ଚାଲି ଯିବା ମଧ୍ୟ ଅସମ୍ଭବ ହେଉଥିବା କହିଥିଲେ। ଫ୍ଲାଏ ଓଭର ଦେଇ ଯାଉଥିବା ଦୁଇ ଚକିଆ ଆରୋହୀ ଜିତେନ ମହାନ୍ତ, ନବଘନ ବାରିକ, କୈଳାସ ସ୍ୱାଇଁ ପ୍ରମୁଖ କୁହନ୍ତି, ପୂର୍ବ ଅବସ୍ଥା ପରି ଫ୍ଲାଏ ଓଭର ଉପରେ ଖଣିଜ ପଡ଼ି ରହିଥିବାରୁ ବାଇକ୍ ଚକ ସ୍ଲିପ୍ କରୁଛି, ଯାହାଦ୍ୱାରା ଦୁର୍ଘଟଣା ଘଟିବା ଆଶଙ୍କା ରହିଛି।


ଓଭର ବ୍ରିଜ୍ ତଳେ ପାଇପ ଝୁଲି ରହିଛି।


ରାସ୍ତା ଉପରେ ପଡ଼ିଥିବା ଖଣିଜ ଗୁଣ୍ଡ।

ଏ ସମ୍ପର୍କରେ ଫ୍ଲାଏ ଓଭର ନିର୍ମାଣକାରୀ ଠିକାସଂସ୍ଥା ଚେଭର୍କସର ମାନବ ସମ୍ବଳ ଅଧିକାରୀ ଭାଗୀରଥି ପଣ୍ଡା କହିଛନ୍ତି, ସହରର ସର୍ଭିସ ରୋଡ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ଟ୍ରାନ୍ସଫର୍ମର ଲାଗି ଗଲାଣି, ଖୁବ୍‌ଶୀଘ୍ର ଫ୍ଲାଏ ଓଭର ଆଲୋକୀକରଣ ହୋଇଯିବ। ଫ୍ଲାଏ ଓଭର ଓବିସିସି(ଓଡ଼ିଶା ସେତୁ ନିର୍ମାଣ ନିଗମ)କୁ ହସ୍ତାନ୍ତର କରି ଦିଆଯାଇଛି। ତେଣୁ ଫ୍ଲାଏ ଓଭର ଉପରେ ପଡ଼ିଥିବା ଖଣିଜକୁ ସଫା କରିବା ଓବିସିସିର ଦାୟିତ୍ୱ। ଏ ନେଇ ଯୋଡା ପୌର ଅଧ୍ୟକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ କହିଛନ୍ତି, ଓବିସିସି ପକ୍ଷରୁ ଲିଖିତ ଭାବେ ଫ୍ଲାଏ ଓଭର ପୌରପାଳିକାକୁ ହସ୍ତାନ୍ତର କରାଯାଇନାହିଁ। ଏହା ହେବା ପରେ ଫ୍ଲାଏ ଓଭର ଦେଇ ଖଣିଜ ପରିବହନ କରୁଥିବା କମ୍ପାନୀଗୁଡ଼ିକୁ ଏହାର ସଫେଇ ଦାୟିତ୍ୱ ଦିଆଯିବ। କମ୍ପାନୀ ପୌର ପାଳିକାର ଭ୍ୟାକୁମ କ୍ଲିନ୍‌ର ଟ୍ରକ୍‌କୁ ନେଇ ସଫା କରିବେ।

## ସମର୍ଥକଙ୍କ ସହ ଆସି ପ୍ରାର୍ଥିପତ୍ର ଦାଖଲ କଲେ ଜଗନ୍ନାଥ


ପାଟଣା ବିଜେଡି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)/ ପାଟଣା(ବୀର କିଶୋର ଦାଶ),୬।୫

**ପାଟଣା ନିର୍ବାଚନ ମଣ୍ଡଳୀ**

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ ସୋମବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କେନ୍ଦୁଝରଗଡ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ସାମ୍ନା ରାସ୍ତାରୁ ଦଳୀୟ କର୍ମୀ, ଜିଲା ନେତୃବର୍ଗଙ୍କ ଗହଣରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଅତିରିକ୍ତ ଜିଲାପାଳଙ୍କ ନିକଟରେ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ। ଶୋଭାଯାତ୍ରାରେ ସଦର ବିଧାୟିକା ପ୍ରାର୍ଥିନୀ ମୀନା ମାଝୀ, ତେଲକୋଇ ବିଧାୟକ ପ୍ରାର୍ଥୀ ମାଧବ ସର୍ଦ୍ଦାର, କାନନ ବିହାରୀ ପହି, ଆଶିଷ ଚକ୍ରବର୍ତ୍ତୀ, ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ସାଗରିକା ସାହୁ, ବରଦା ପ୍ରସନ୍ନ ଦାସ, କାହ୍ନୁ ଚରଣ ନାଏକ, ସତ୍ୟବ୍ରତ ନାୟକ, ଭରତଚନ୍ଦ୍ର ପାତ୍ର, ଦୀପକ ରାଜ, ସୂର୍ଯ୍ୟନାରାୟଣ କର, ଦେବୁ ପଟ୍ଟନାୟକ, କୈଳାଶ ନାଏକ, ଲକ୍ଷ୍ମଣ ମହାନ୍ତ, ହିରଣ ଚୌଧୂରୀ, ପୂର୍ଣ୍ଣଚନ୍ଦ୍ର ସାହୁ ସମେତ ଜିଲାର ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ଯୋଗଦେଇଥିଲେ।

## ଶୋଭାଯାତ୍ରାରେ ବିଜେଡିର ଶକ୍ତି ପ୍ରଦର୍ଶନ

ବଡବିଲ,୬।୫(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ପୌରାଞ୍ଚଳରେ ସୋମବାର ବିଜେଡି ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ଶକ୍ତି ପ୍ରଦର୍ଶନ କରିଛି। ବଡବିଲ ପୌରାଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତଙ୍କ ନେତୃତ୍ୱରେ ଚମ୍ପୁଆ ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ସନାତନ ମହାକୁଡଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଶୋଭାଯାତ୍ରାରେ କର୍ମୀ ଓ ନେତୃବୃନ୍ଦଙ୍କ ସହ କିରିବୁରୁ ଛକଠାରୁ ଡାକ ବଙ୍ଗଳାଛକ, ଅଟଳ ଛକ, ବାଟା ଛକ, ବସ୍ତି, ନାଳଦା, ଓଏମସି ଛକ, ଷ୍ଟେଶନ ରୋଡ, ମାଡକାମବେଡା ଓ କଳିଙ୍ଗ ନଗର ଦେଇ ସହର ପରିକ୍ରମା କରିଥିବା ଜଣାପଡିଛି।

## କଂଗ୍ରେସର ଯଶବନ୍ତଙ୍କ ସମେତ ୮ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ଚମ୍ପୁଆ,୬।୫(ମହେଶ୍ୱର ଦାସ)

**ଚମ୍ପୁଆ ବିଧାନସଭା କ୍ଷେତ୍ର**

କେନ୍ଦୁଝର ଜିଲା ଚମ୍ପୁଆ ବିଧାନସଭା କ୍ଷେତ୍ରରେ ସୋମବାର ଶେଷ ଦିନରେ କଂଗ୍ରେସକୁ ମିଶାଇ ୮ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ଯଶବନ୍ତ ନାରାୟଣ ସିଂ ଲାଗୁରୀ ସମର୍ଥକ ଓ କର୍ମୀଙ୍କ ସହ ପାରମ୍ପାରିକ ବାଦ୍ୟ ଓ ନୃତ୍ୟରେ ନିକଲସ୍‌ନ ବନ ବିଦ୍ୟାଳୟଠାରୁ ବାହାରି ଚମ୍ପୁଆ ସହର ପରିକ୍ରମା କରିବା ପରେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ରିଟର୍ନିଂ ଅଧିକାରୀଙ୍କୁ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ। ତାଙ୍କ ସହ କଂଗ୍ରେସ ଲୋକସଭା ପ୍ରାର୍ଥୀ ବିନୋଦ ବିହାରୀ ନାଏକ, ପାଟଣା ବିଧାୟକ ପ୍ରାର୍ଥୀ ହୃଷିକେଶ ନାଏକ, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ଜିଲା ସଭାପତି ମୋହନ ପରିଡ଼ା, ଜିଲା ଯୁବ ସଭାପତି ସୁରେଶ ଭିର୍, ଜିଲା ଛାତ୍ର ସଭାପତି ସୁଭମ୍ ରାଜ ଓ ବ୍ଲକ୍ ସଭାପତି ରଣଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଇଣ୍ଡିଆନ ସିଟିଜେନ ପାର୍ଟି ପକ୍ଷରୁ ବସନ୍ତ ମହାନ୍ତ, ସ୍ୱାଧୀନ ପ୍ରାର୍ଥୀ ଭାବେ ଜୟକ୍ରିସ କିସ୍‌ପାଟ, ଗୁରୁବକ୍ସ ସିଂ ଆଲୁୱାଲିଆ, କ୍ଷିରୋଦ ଗିରି, ସନ୍ତୋଷ ମହାପାତ୍ର, ବେଣୁଧର ମହାନ୍ତ, କଳିଙ୍ଗ ନେସ୍‌ନାଲ ଫ୍ରଣ୍ଟରୁ କ୍ଷୀତିଶ ଚନ୍ଦ୍ର ମହାନ୍ତ ପ୍ରମୁଖ ନିଜ ନିଜ ସମର୍ଥକଙ୍କ ସହ ଆସି ନାମାଙ୍କନ ପତ୍ର ଦାଖଲ କରିଥିଲେ। ଚଳିତ ବର୍ଷ ଚମ୍ପୁଆ ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଆଲୋଚନା ହେଉଥିବା ବେଳେ ଆଜି ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ପରେ ସମୀକରଣ ବଦଳିବ ବୋଲି ଜଣସାଧାରଣ ଚର୍ଚ୍ଚା ହେଉଛି। ପୂର୍ବରୁ ଭାଜପା, ବିଜେଡି, ଆମ୍ବେଦକର ପାର୍ଟି ଅଫ ଇଣ୍ଡିଆ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଗତ ଶନିବାର ୪ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ମୋଟ ୧୫ ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ରିଟର୍ନିଂ ଅଫିସର ସୁକାନ୍ତ ମାଝି ସୂଚନା ଦେଇଛନ୍ତି।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ରାମଚନ୍ଦ୍ରପୁର,୬।୫(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଜଳସୁଆଁ ପଞ୍ଚାୟତ ନୟାଗଡ଼ସ୍ଥିତ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ସଭା ଗୃହରେ ପିଅନ ବାମନ ଚରଣ ମାଝୀ, ରମେଶ ଚନ୍ଦ୍ର ମଲ୍ଲିକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବୃନ୍ଦାବନ ମଲ୍ଲଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଯଦୁନାଥ ମଲ୍ଲିକ, ସମ୍ମାନିତ ଅତିଥିଭାବେ ଜଳସୁଆଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିନୋଦ ବିହାରୀ ମହାପାତ୍ର, ସାମାଜିକକର୍ମୀ ପ୍ରଫୁଲ୍ଲ ରାଉତ ଯୋଗଦେଇଥିଲେ। ସଭାକୁ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଜୟନ୍ତ କୁମାର ମାହାନ୍ତି ସଂଯୋଜନା କରିଥିବା ବେଳେ ଅଧ୍ୟାପକ ସରୋଜ କାନ୍ତ ରାଉତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଉପଢୌକନ ପ୍ରଦାନ କରି ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

## ସ୍ୱାଧୀନ ପ୍ରାର୍ଥୀ ଭାବେ ଅନିରୁଦ୍ଧଙ୍କ ନାମାଙ୍କନ ଦାଖଲ

କେନ୍ଦୁଝର,୬।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

ପାଟଣା ନିର୍ବାଚନ ମଣ୍ଡଳୀରେ ଭାଜପାର ଜଣେ ନେତା ଅନିରୁଦ୍ଧ ନାୟକ ସୋମବାର ସ୍ୱାଧୀନ ପ୍ରାର୍ଥୀ ଭାବରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେ ପାଟଣା ବ୍ଲକ୍ ଟାଙ୍ଗରପଡ଼ା ସରପଞ୍ଚ ରହିଥିବା ବେଳେ ଭାଜପାର ସକ୍ରିୟ ସଦସ୍ୟ ଥିଲେ। ଦଳ ବିରୋଧରେ ଯାଇ ନାମାଙ୍କନ ଦାଖଲ କରିବାକୁ ନେଇ ଦଳ, ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏହା ପଛରେ ବିଜେଡିର ହାତ ଥିବା ଭାଜପା ଅଭିଯୋଗ କରିଛି। ଭାଜପା ଅଭିଯୋଗ କରିଛି ଯେ, ପାଟଣା ନିର୍ବାଚନମଣ୍ଡଳୀରେ ବିଜେଡିର ସ୍ଥିତି ଭଲ ନାହିଁ। ତେଣୁ ଭାଜପା ପ୍ରାର୍ଥୀ ଅଖିଳ ନାୟକଙ୍କ ବିରୋଧରେ ଭାଜପାର ନେତାଙ୍କୁ ଅସ୍ତ୍ର କରି ନିର୍ବାଚନ ଜିତିବା ପାଇଁ ବିଜେଡି ଉଦ୍ୟମ ଜାରି ରଖିଛି। ପ୍ରଥମେ ଭାଜପା ବରିଷ୍ଠ ନେତା ତଥା ପାଟଣା ବିଧାୟକଙ୍କ ଭାଇ ସତ୍ୟବ୍ରତ ନାଏକଙ୍କୁ ବିଜେଡିରେ ସାମିଲ କରିବା, ଆଜି ଅନିରୁଦ୍ଧଙ୍କୁ ଭାଜପା ପ୍ରାର୍ଥୀଙ୍କ ବିରୋଧରେ ଛିଡା କରାଇବାରେ ବିଜେଡି ସଫଳ ହୋଇଛି। ସରପଞ୍ଚଙ୍କ ବିରୋଧରେ ଏମଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ଅଭିଯୋଗ ରହିଛି ବୋଲି ଭାଜପାର ପୂର୍ବତନ ସଭାପତି ରାଧାକାନ୍ତ ମହାନ୍ତ କହିଛନ୍ତି। ଏପରିକି ସାଉଁତି ଭୋଟକୁ ଭାଗ କରିବାକୁ ତାଙ୍କୁ ପ୍ରାର୍ଥୀ କରାଯାଇଥିବା ଆଲୋଚନା ହେଉଛି। ଏ ନେଇ ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ କହିଛନ୍ତି, ଅନିରୁଦ୍ଧ ଦଳର ସକ୍ରୀୟ ସଦସ୍ୟ ଅଛନ୍ତି। ଦଳ ବିରୋଧୀ କାର୍ଯ୍ୟ ହୋଇଥିଲେ ତାଙ୍କ ବିରୋଧରେ

**ଭାଜପାର ନେତାଙ୍କୁ ଅସ୍ତ୍ର କରୁଛି ବିଜେଡି: ଭାଜପା**

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନିରୁଦ୍ଧ କହିଛନ୍ତି, ସେ ପ୍ରାର୍ଥୀ ପାଇଁ ଆଶାୟୀ ଥିଲେ। ଟିକେଟ ନ ମିଳିବାରୁ ସ୍ୱାଧୀନ ଭାବେ ଲଢ଼ିବାକୁ ଚିନ୍ତା କଲେ। ବିଜେଡି, କଂଗ୍ରେସ କାହାରି ସମର୍ଥନ ତାଙ୍କ ପଛରେ ନାହିଁ। ଏମଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ତାଙ୍କ ସମୟରେ ହୋଇନାହିଁ। ତାଙ୍କ ପଛରେ ସାଉଁତି, ଅନ୍ୟ ସମ୍ପ୍ରଦାୟର ଭୋଟ ରହିଛି। ଭାଜପା ନେତା ଓ କର୍ମୀ ମୋତେ ଭଲ ପାଆନ୍ତି ବୋଲି ସେ କହିଛନ୍ତି।

## ସଦରରୁ ସ୍ୱାଧୀନ ଭାବେ ସସ୍ମିତା, ଜୟକୃଷ୍ଣଙ୍କ ନାମାଙ୍କନ ଦାଖଲ

କେନ୍ଦୁଝର,୬।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)

କିଛିଦିନ ପୂର୍ବରୁ ବିଜେଡି ଛାଡ଼ିଥିବା ସସ୍ମିତା ସିଂ କେନ୍ଦୁଝର ଜିଲା ସଦର ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀଭାବେ ଶେଷଦିନରେ ସୋମବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେ କେନ୍ଦୁଝର ସହରର କାଳୀପଡ଼ିଆଠାରୁ ପଦୁଆରରେ ସମର୍ଥକଙ୍କ ସହ କେନ୍ଦୁଝର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ରିଟର୍ନିଂ ଅଧିକାରୀଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ସମୟରେ ତାଙ୍କ ସ୍ୱାମୀ ତଥା ପୂର୍ବତନ ପଞ୍ଚାୟତ ସମିତି ସଭ୍ୟ ପ୍ରଦୀପ କୁମାର ପ୍ରଧାନଙ୍କ ସହ ପାୟଲ ଯାଦବ ଓ ସଂଯୁକ୍ତା ପ୍ରଧାନ ତଥା ସମର୍ଥକମାନେ ଉପସ୍ଥିତ ଥିଲେ। ବିଜୁ ଜନତା ଦଳରୁ ସସ୍ମିତା ଆଶାୟୀ ଥିଲେ। ଦଳ ତାଙ୍କୁ ଟିକେଟ ନ ଦେବାରୁ ସମର୍ଥକଙ୍କ ପରାମର୍ଶ କ୍ରମେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି କେନ୍ଦୁଝରର ସେବା କରିବା ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା କହିଛନ୍ତି। ସେହିପରି ସାମାଜିକକର୍ମୀ ଜୟକୃଷ୍ଣ ନାଏକ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିଛନ୍ତି। ସେ କାଳୀପଡ଼ିଆଠାରୁ ଶୋଭାଯାତ୍ରାରେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ରିଟର୍ନିଂ ଅଧିକାରୀଙ୍କୁ ନାମାଙ୍କନ ପତ୍ର ପ୍ରଦାନ କରିଥିଲେ। ଜିଲାରେ ବୃହତ ମେଗାଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା, ଖଣିଜ ପାଣ୍ଠି କାର୍ଯ୍ୟାଳୟ ତରଫରୁ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଜିଲା ବାହାର ଓ ରାଜ୍ୟ ବାହାର କର୍ମଚାରୀ ଦିଆ ଯାଉଥିବା ନିଯୁକ୍ତିକୁ ବନ୍ଦ କରି ଜିଲାର ମେଧାବୀ ପିଲାଙ୍କୁ ନିଯୁକ୍ତି ଆଦି ମୁଦାକୁ ନେଇ ସେ ନିର୍ବାଚନ ରଣାଙ୍ଗନରେ ସଦର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରୁଥିବା କହିଛନ୍ତି।

## ବାଲେଶ୍ୱର ଖବର

### ମା' ଶୀତଳାଙ୍କ ବାର୍ଷିକ ପୂଜା ଉଦ୍‌ଯାପିତ


ମଣ୍ଡପରେ ପୂଜା ପାଉଥିବା ମା' ଶୀତଳା ଦେବୀ ଓ ଅନ୍ୟାନ୍ୟ ଦେବାଦେବୀ।

ବାଲିଆପାଳ, ୬।୫(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ମୁଧୁପୁରା ପଞ୍ଚାୟତର ଚୌଧୁରୀକୁଦ ଗ୍ରାମରେ ସୋମବାର ସାର୍ବଜନୀନ ମା' ଶୀତଳାଙ୍କ ବାର୍ଷିକ ପୂଜା ଉଦ୍‌ଯାପିତ ହୋଇଯାଇଛି। ଏହି ପୂଜା ଶନିବାରଠାରୁ ଆରମ୍ଭ ହୋଇ ସୋମବାର ଶେଷ ହୋଇଥଲା।

୩ ଦିନ ଧରି ମା'ଙ୍କ ପୂଜାର୍ଚ୍ଚନା ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀ ଉପବାସ କରି ମା'ଙ୍କ ଠାରେ ପୁଷ୍ପାଞ୍ଜଳି ଅର୍ପଣ କରି ବ୍ରତ ଶେଷ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯାତ୍ରା ପରିବେଷଣ ହୋଇଥିଲା। ଆଖପାଖ ଅଞ୍ଚଳର ଲୋକେ ଭରପୂର ଭାବେ ଯାତ୍ରାର ମଜା ନେଇଥିଲେ। ବସନ୍ତ ଦଣ୍ଡପାଟ, ଅରୁଣ ଭୂୟାଁ, ବାବାଜୀ ସାହୁ, ଅରବିନ୍ଦ ରାଉତ, ମହେଶ୍ୱର ସାହୁ, ନାଇବ ପ୍ରାମାଣିକ, ମନୋଜ ଭୂୟାଁ, ପ୍ରଦୀପ ଦଣ୍ଡପାଟ, ଗୋପାଳ ମହାନ୍ତି, କାଳୀଚରଣ ସାହୁ, ରାଜୀବ ପରିଡା, ଜୀବନ ମହାନ୍ତି ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରୁଥିବା ବେଳେ ସମସ୍ତ ଗ୍ରାମବାସୀ ପୂଜାରେ ସାମିଲ ଥିଲେ।

### ବାଲେଶ୍ୱରରେ ନିଟ୍ ୟୁଜି-୨୦୨୪ ପରୀକ୍ଷା

ବାଲେଶ୍ୱର, ୬।୫(ମାନସ ବିଶ୍ୱାଳ)

ବାଲେଶ୍ୱରରେ ବିଶ୍ୱର ସର୍ବବୃହତ୍ ପ୍ରତିଯୋଗିତା ପରୀକ୍ଷା ନିଟ୍‌ୟୁଜି-୨୦୨୪ ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଆୟୋଜିତ ହୋଇଯାଇଛି। ନିଟ୍ ୟୁଜି-୨୦୨୪ ପରୀକ୍ଷଣର ଜିଲା ସଂଯୋଜକ ତଥା ପିଏମ୍ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରାଚାର୍ଯ୍ୟ ରବି ପ୍ରକାଶ ସୂଚନା ଦେଇଛନ୍ତି ଯେ, ଜିଲାରେ ମୋଟ୍ ୮ଟି କେନ୍ଦ୍ରରେ ପରୀକ୍ଷା ଆୟୋଜନ କରାଯାଇଥିଲା। ଏଥିରେ ସର୍ବମୋଟ୍ ୪୫୪୨ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ଥିବାବେଳେ ୧୧୪ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ପରିବେଶରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଟିଏ ତରଫରୁ ଜିଲା ପ୍ରଶାସନ, ପରୀକ୍ଷା କେନ୍ଦ୍ର ଅଧୀକ୍ଷକ, ପର୍ଯ୍ୟବେକ୍ଷକ ନିରୀକ୍ଷକ, ଅଭିଭାବକ ତଥା ପରୀକ୍ଷାର୍ଥୀମାନଙ୍କୁ ଧନ୍ୟବାଦ ଦେଇଥିଲେ।

### ସମୂହ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

କାଳୀପଦା, ୬।୫(ରାଜଶ୍ରୀ ପାଣିଗ୍ରାହୀ)-ବାଲିଆପାଳ ବ୍ଲକ କୁଣ୍ଡଳୀ ପଞ୍ଚାୟତ ନିମପଦାଠାରେ ଥିବା ନାୟକ ରାମଚନ୍ଦ୍ର ଏକାଡେମୀ ବିଦ୍ୟାଳୟର ସମୂହ ଶିକ୍ଷକମାନଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଇନ୍ଦ୍ରଜିତ ପାତ୍ର ମଞ୍ଚ ଆହ୍ୱାନ କରିଥିଲା ବେଳେ ଦୀନବନ୍ଧୁ ବେହେରା ସଭାପତିତ୍ୱ କରିଥିଲେ। ଏହି ଅବସରରେ ଅବସର ନେଉଥିବା ଶିକ୍ଷାଦାତା ମହେଶ୍ୱର କର, ରତ୍ନାକର ଦାସ, ବନମାଳୀ ସାହୁ, ନିଶାକର ପଣ୍ଡା, ଅଜୟ ସାହୁ, ତପନ ପାତ୍ର, ନିତ୍ୟାନନ୍ଦ ଗିରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପ୍ରଧାନ, ମମତା ନାୟକ, ବିନୋଦ ଜେନା, ଅଭିମନ୍ୟୁ ପାତ୍ର, ରାଜେନ୍ଦ୍ର ଦାସ, ଅବନୀକାନ୍ତ କର, ପୂର୍ବତନ ଛାତ୍ର ସଂସଦ ସଭାପତି ପ୍ରବୋଧ ପଣ୍ଡା, ସମ୍ପାଦକ ଅମୀୟ ଜେନା, ସୁଧୀର ବେହେରା, ମୀନତି ପଟ୍ଟାୟତ, ରତିକାନ୍ତ ଜେନା, ଶମ୍ଭୁନାଥ ସାହୁ ଓ ରତ୍ନାକର ସେଠୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ମାନଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ବାସଭବନରେ ଛାଡିଥିଲେ। ପଙ୍କଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ର ସଂସଦର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଟ୍ରାନ୍ସପୋର୍ଟ କମ୍ପାନୀ କର୍ମଚାରୀଙ୍କଠାରୁ ଲୁଟ୍

କେନ୍ଦୁଝର,୬।୫(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ଥାନା ଜାମୁଡ଼ିହା ନିକଟରେ ସୋମବାର ଏକ ଘରୋଇ ଟ୍ରାନ୍ସପୋର୍ଟ କମ୍ପାନୀର ୨ କର୍ମଚାରୀଙ୍କଠାରୁ ଲୁଟ୍ ହୋଇଛି। ଦୁର୍ବୃତ୍ତ କର୍ମଚାରୀଙ୍କ ନିକଟରେ ଥିବା ୧୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ନେଇ ଚମ୍ପଟ ମାରିଥିବା କର୍ମଚାରୀ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, କମ୍ପାନୀର ନନ୍ଦୁ ସାହୁଙ୍କ ସମେତ ଅନ୍ୟ ଜଣେ ବାଇକରେ ଏକ ବ୍ୟାଗରେ ୧୩ ଲକ୍ଷ ୮୨ ହଜାର ଟଙ୍କା ଧରି ଚାଲାଣ ପେମେଣ୍ଟ କରିବାକୁ ସୁଆକାଟି ଯାଇଥିଲେ। ୨ ଜଣ ହେଲମେଟ୍ ପିନ୍ଧି ଓ ମୁହଁରେ ରୁମାଲ ବାନ୍ଧି ତାଙ୍କୁ ପିଛା କରି ଏନ୍‌ଏଚ୍ ୪୯ ଜାମୁଡ଼ିହା ନିକଟରେ ବନ୍ଧୁକ ଦେଖାଇ ଟଙ୍କା ଭର୍ତ୍ତି ବ୍ୟାଗ ନେଇ କେନ୍ଦୁଝର ଆଡ଼େ ପଳାଇଥିଲେ। କର୍ମଚାରୀଙ୍କ ଅଭିଯୋଗ ଆଧାରରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ଟ୍ରାନ୍ସଫର୍ମରରେ ଅଗ୍ନିକାଣ୍ଡ

ଯୋଡ଼ା,୬।୫(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରର ବନେଇକଲାସ୍ଥିତ ଏମ୍‌ଏମ୍‌ଟିସି କଲୋନୀରେ ଥିବା ଟ୍ରାନ୍ସଫର୍ମରରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। କେବୁଲରେ ସର୍ଟ ସର୍କିଟ ଯୋଗୁ ନିଆଁ ଲାଗି ଜଳିଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେବଳ କେବୁଲ ଜଳି ଯାଇଥିବା ବେଳେ ଅନ୍ୟ ଯନ୍ତ୍ରାଂଶ ସୁରକ୍ଷିତ ଥିବା ଟାଟା ପାୱାର ପକ୍ଷରୁ କୁହାଯାଇଛି।

## ବିଜେଡିରୁ ବଦ୍ରି, ଅଭିମନ୍ୟୁ, ଭାଜପାରୁ ଶମ୍ଭୁନାଥଙ୍କ ନାମାଙ୍କନ ଦାଖଲ




ଆନନ୍ଦପୁର ବିଧାନସଭା ବିଜେଡି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ଘସିପୁରା ବିଧାନସଭା ବିଜେଡି ପ୍ରାର୍ଥୀ ବଦ୍ରି ନାରାୟଣ ପାତ୍ର ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

ଆନନ୍ଦପୁର(ଉମେଶ ଚନ୍ଦ୍ର ପାଢ଼ୀ/ସୁଶାନ୍ତ ସାହୁ)/ହାଟଡ଼ିହୀ(ଶୁଭକାନ୍ତ ନାୟକ)/ ବଉଳା(ଦୁର୍ଗା ପ୍ରସାଦ ଆୟଚ)/ସୋସୋ (ସତ୍ୟବ୍ରତ ଜେନା )/ ରାମଚନ୍ଦ୍ରପୁର(ଗଣେଶ୍ୱର ସା),୬।୫

**ଘସିପୁରା, ଆନନ୍ଦପୁର ବିଧାନସଭା କ୍ଷେତ୍ର**

କେନ୍ଦୁଝର ଜିଲା ଘସିପୁରା ବିଧାନସଭା କ୍ଷେତ୍ର ପାଇଁ ବିଜେଡି ବିଧାୟକ ବଦ୍ରି ନାରାୟଣ ପାତ୍ର, ଆନନ୍ଦପୁର ବିଧାନସଭା କ୍ଷେତ୍ର ଲାଗି ଅଭିମନ୍ୟୁ ସେଠୀ ବିଧାୟକ ପ୍ରାର୍ଥୀ ଭାବେ ସୋମବାର ନାମାଙ୍କନ ଦାଖଲ କରିଛନ୍ତି। ବଦ୍ରି ନିଜ ଅଞ୍ଚଳରୁ ଏକ ରାଲିରେ ଆସିଥିବା ବେଳେ ଅଭିମନ୍ୟୁ ମଧ୍ୟ ହାଟଡ଼ିହୀ ଅଞ୍ଚଳରୁ ଶୋଭାଯାତ୍ରାରେ ପହଞ୍ଚିଥିଲେ। ଆନନ୍ଦପୁର ବ୍ରିଜ୍ ଛକରେ ଶୋଭାଯାତ୍ରା ମିଶିଥିବା ବେଳେ ଏଥିରେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ କର୍ମୀଙ୍କ ସମାଗମ ହୋଇଥିଲା। ସେଠାରୁ ଏକ ଖୋଲା ଗାଡ଼ିରେ ସମର୍ଥକଙ୍କ ସହ ଆନନ୍ଦପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆନନ୍ଦପୁର ଉପ ଜିଲାପାଳ ତଥା ରିଟର୍ନିଂ ଅଫିସର ଫାଲଗୁନୀ ମାଝୀଙ୍କ ନିକଟରେ ପହଞ୍ଚି ଉଭୟ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ରାଲିରେ ବିଜେଡି ଜିଲା ସଭାପତି କୁଶ ଆପଟ୍ଟ, ପୂର୍ବତନ ବିଧାୟକ ମାୟାଧର ଯେନା, ତେଲକୋଇ ବିଜେଡି ବିଧାୟକ ପ୍ରାର୍ଥୀ ମାଧବ ସର୍ଦ୍ଦାର, କେନ୍ଦୁଝର ଲୋକ ସଭା ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ, ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଜିଲା ପରିଷଦ ସଭ୍ୟ ବିମ୍ବାଧର ବିଶ୍ୱାଳ, କୌଶଲ୍ୟା ସେଠୀ, ଯୁବ ନେତା ଦେବପ୍ରିୟ ପାତ୍ର, ଦେବାଶିଷ ପାତ୍ର, ଲୁଲୁ ପାତ୍ର, ପ୍ରିୟଦର୍ଶୀ ପାତ୍ର, ଅମରେନ୍ଦ୍ର ଧଳ, ବୈଦ୍ୟନାଥ ନାଥ ସାମଲ, ଚିନ୍ମୟ ନାୟକ, ଧବଳେଶ୍ୱର ପଟ୍ଟନାୟକ, ବୀରେନ୍ଦ୍ର ବିଶ୍ୱାଳ, ସୁରେନ୍ଦ୍ର ଜେନା, ରବୀନ୍ଦ୍ର ନାୟକ, ମୁନା ସାମଲ, ଜିତେନ୍ଦ୍ର ସାମଲ, ସୁକାନ୍ତି ଯେନା ଏବଂ କର୍ମୀ ଉପସ୍ଥିତ ଥିଲେ। ଅପରପକ୍ଷେ ଘସିପୁରା ବିଧାନସଭା କ୍ଷେତ୍ର ପାଇଁ ଭାଜପାରୁ ଡ. ଶମ୍ଭୁନାଥ ରାଉତ ମଧ୍ୟ ଶୋଭାଯାତ୍ରାରେ ଆସି ରିଟର୍ନିଂ ଅଧିକାରୀଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି। ସୂଚନାଯୋଗ୍ୟ, ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ପାଇଁ ପୂର୍ବରୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ତରଫରୁ ନୀଳକଣ୍ଠ ଯେନା, ମୋ ଦଳ ତରଫରୁ କୁଳମଣି ସେଠୀ, ଭାଜପାରୁ ଆଲୋକ ସେଠୀ, କଂଗ୍ରେସରୁ ପୂର୍ବତନ ପିସିସି ସଭାପତି ଜୟଦେବ ଯେନା, ସ୍ୱାଧୀନରୁ ଝାନ୍ସୀରାଣୀ ଦାସ ଏବଂ ବିଶ୍ୱ ପ୍ରତାପ ଯେନା ନାମାଙ୍କନ ଦାଖଲ କରିଛନ୍ତି। ଏଥିସହ ଘସିପୁରା କଂଗ୍ରେସରୁ ସୁବ୍ରତ ଚକ୍ର ନାମାଙ୍କନ ଦାଖଲ କରିଥିଲେ।

